ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଶରତ ପାତ୍ର ହେଲେ ବଡ଼ଚଣା ଥାନା ଅଧିକାରୀ

ଚଣ୍ଡିଖୋଲ,୨୬।୯(ପ୍ରଦୀପ୍ତ କୁମାର ପୃଷ୍ଟି): ୬ ମାସରୁ ଅଧିକ ସମୟ ବଡ଼ଚଣା ଥାନା ଅଧିକାରୀ ପଦବୀ ଖାଲି ପଡ଼ିବା ପରେ ଏବେ ପୂରଣ ହୋଇଛି। ମଙ୍ଗଳବାର ଇନ୍ସପେକ୍ଟର ଶରତ ଚନ୍ଦ୍ର ପାତ୍ର ବଡ଼ଚଣା ଥାନାରେ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ସେ ଯୋଗଦେବା ପରେ ଥାନାର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।



ପାତ୍ର କଟକ-ଭୁବନେଶ୍ୱର କମିଶନରେଟ ପୋଲିସରେ କାର୍ଯ୍ୟରତ ଥିଲେ। ସେ ଭୁବନେଶ୍ୱର ଲିଙ୍ଗରାଜ ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରି ଯାଜପୁର ଜିଲାକୁ ବଦଳି ହୋଇ ଆସିଥିଲେ। ପୂର୍ବରୁ ସେ ଦୀର୍ଘଦିନ ବଡ଼ଚଣା ଓ ବାଲିଚନ୍ଦ୍ରପୁର ଥାନାରେ କାର୍ଯ୍ୟ କରିଛନ୍ତି। ପୁରୁଖା ଥାନା ଅଧିକାରୀ ଭାବେ ତାଙ୍କର ବହୁ ଅଭିଜ୍ଞତା ରହିଥିବାରୁ ସେ ଠିକ୍ ଭାବେ ଆଇନଶୃଙ୍ଖଳା ପ୍ରତି ଧ୍ୟାନ ଦେବେ ବୋଲି ବଡ଼ଚଣାବାସୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଇବାକୁ ତାଙ୍କୁ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି।

# ସୁଜନପୁର ମହାବିଦ୍ୟାଳୟରେ ଗଣ୍ଡଗୋଳ

- ପତାକା ଲଗାଇବାକୁ ନେଇ ଜଣେ ଛାତ୍ରଙ୍କୁ ମାଡ଼
- ଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ ଫୋର୍ସ ମୁତୟନ

ଯାଜପୁର ସଦର/ଯାଜପୁର ଟାଉନ,୨୬।୯(ସମର ବିଜୟ ଶରଣ/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ମଙ୍ଗଳବାର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳାର ଛାତ୍ର ଶେଖ୍ ସର୍ଫରାଜ୍ ନିଜ ସାଇକେଲରେ ଆସନ୍ତା ୨୮ ତାରିଖ ମହମ୍ମଦ ଜୟନ୍ତୀ ଉପଲକ୍ଷେ ଏକ 'ଅମର ଇଦ୍ ମିଲାଦୁନ ନବି'ର ପତାକା ଲଗାଇଥିଲେ। ହେଲେ କଲେଜର କେତେଜଣ ଛାତ୍ର ପତାକା ବ୍ୟବହାରକୁ ବିରୋଧ କରି ତାହାକୁ ସାଇକେଲରୁ କାଢ଼ିବାକୁ ସର୍ଫରାଜଙ୍କୁ କହିଥିଲେ। କିନ୍ତୁ ସର୍ଫରାଜ ସାଇକେଲରୁ ପତାକା କାଢି ନ ଥିଲେ। ଫଳରେ ବିରୋଧୀ ଛାତ୍ରମାନେ ଉକ୍ତ ପତାକାକୁ ଚିରି ପକାଇଥିଲେ। ସର୍ଫରାଜ ଏହାକୁ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାରପିଟ ହୋଇଥିଲା। ଗୋଟିଏ ଛାତ୍ର ଗୋଷ୍ଠୀ ସର୍ଫରାଜ୍‌ଙ୍କୁ ମାଡ଼ ମାରିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତେଣୁ ଶେଖ୍ ରମଜାନି, ମହମ୍ମଦ ଫରାନ ଖାନ, ମହମ୍ମଦ ଏକବାଲ୍, ଶେଖ୍ ତଞ୍ଜିବ, ଶେଖ୍ ଇମ୍ରାନ୍ ଓ ଆରିଫ ଇକବାଲ୍ ସର୍ଫରାଜ୍‌ଙ୍କ ସମର୍ଥନରେ ବାହାରିଥିଲେ। ସେମାନେ ଆହତ ଛାତ୍ରକୁ ନେଇ କଲେଜ ଅଧକ୍ଷଙ୍କ ନିକଟକୁ ଯିବାବେଳେ କଲେଜର ପିଅନ ହଠାତ୍ ଗେଟ୍ ବନ୍ଦ କରିଦେଇଥିଲେ। ଫଳରେ ସେଠାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଖବର ମୋବାଇଲ୍ ମାଧ୍ୟମରେ ପ୍ରଚାର ହେବାଦ୍ୱାରା କଲେଜ୍ ନିକଟରେ ଶତାଧିକ ଲୋକ ରୁଣ୍ଡ ହୋଇ ଘଟଣାକୁ ଏକ ସାମ୍ପ୍ରଦାୟିକ ରୂପଦେବାକୁ ଚେଷ୍ଟା କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି କଲେଜ୍ ପରିସର ଖାଲି କରିବା ସହିତ ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟକୁ ଅବଗତ କରାଇଥିଲେ। ଜିଲା ପୋଲିସ ପକ୍ଷରୁ ନିକଟସ୍ଥ ଯାଜପୁର, ବରୀ, କୁଆଖିଆ ଓ ବ୍ରହ୍ମବରଦା ଥାନା ଅଧିକାରୀଙ୍କୁ ଡକାଯିବା ସହ ସହ କଲେଜରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଦର ଥାନାରେ ଉପସ୍ଥିତ ରହି ଘଟଣାର ଅନୁଧ୍ୟାନ କରିବା ସହଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ସ୍ଥାନୀୟ ମୁରବୀ ଓ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ।



ଆହତ ଛାତ୍ର ଓ ତାଙ୍କ ସମର୍ଥକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଟାୟାର ଫାଟି ଓଲଟିଲା କାର୍, ୪ ଗୁରୁତର

ଛତିଆ,୨୬।୯(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଛତିଆ ଚଟିଘର ଛକ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଚକ ଫାଟି ଓଲଟି ପଡ଼ିବାରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, କେନ୍ଦୁଝରରୁ ଏକ ଦମ୍ପତି କାର ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ଉକ୍ତ ଛକ ନିକଟରେ ଗାଡ଼ିର ଆଗ ଟାୟାର ଫାଟି ଯାଇଥିଲା। ଫଳରେ ଫିଲ୍ମ ଷ୍ଟାଇଲରେ ଗାଡ଼ିଟି ଏକାଧିକ ଥର ପଲଟିଥିଲା। ଏତିକିବେଳେ ଇଚ୍ଛାନଗର ପାଟଣା ଗ୍ରାମର କନକ ନାଥ (୫୫) ତାଙ୍କ ନାତି ସହିତ ରାଜପଥ ପାରି ହେଉଥିଲେ। କାର୍‌ଟି କନକ ଓ ତାଙ୍କ ନାତିଙ୍କ ଉପରେ ମାଡି ଯାଇଥିଲା। ଫଳରେ ସେମାନେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଦୁର୍ଘଟଣା ଏତେ ତୀବ୍ରଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଗାଡ଼ିରେ ଯାଉଥିବା ଦମ୍ପତି ମଧ୍ୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଛତିଆ ବିଟ ହାଉସ ଅଧିକାରୀ ନାରାୟଣ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସମସ୍ତ ଗୁରୁତରଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ପରେ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।


ଦୁର୍ଘଟଣାଗ୍ରସ୍ତ କାର୍।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ଠାକୁରମୁଣ୍ଡା,୨୬।୯ (ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା ରେଞ୍ଜ ଜରକ ପଞ୍ଚାୟତ ଅଧୀନ ଘଣ୍ଟିଆଦର ଗ୍ରାମ ହରିଡାଗୋଠ ସାହିରେ ମଙ୍ଗଳବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗୁରୁଚରଣ ହୋ (୬୦)। ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁଚରଣ ଗାଈ ଚରାଇବାକୁ ଗ୍ରାମ ନିକଟ ଜଙ୍ଗଲକୁ ଯାଇଥିବା ସମୟରେ ଦୁଇଟି ଛୁଆ ଥିବା ମାଈ ଭାଲୁ ସମ୍ମୁଖରେ ପଡ଼ିଯାଇଥିଲେ। ଭାଲୁ ଆକ୍ରମଣରେ ଗୁରୁଚରଣଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଛି।

### ଟ୍ରାକ୍ଟର ଧକ୍କାରେ ଚାଷୀ ମୃତ

ବଡ଼ସାହି,୨୬।୯(ଦୀପକ ବୁଗୁଡ଼େଇ): ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ମାଣତ୍ରୀ-ବେତନଟୀ ରାସ୍ତାର ପଣ୍ଡୁପାଳ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆସ୍କନ୍ଦ ଗ୍ରାମର ଭୀମ ଚରଣ ସିଂ। ସେ ଚାଷ କାର୍ଯ୍ୟ ସାରି ଗଛ ମୂଳେ ବିଶ୍ରାମ ନେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଭୀମଙ୍କୁ ବାରିପଦା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବଡ଼ସାହି ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରଟିକୁ ଜବତ କରି ତଦନ୍ତ ଚଳାଇଛି।

# କିଲିମାଞ୍ଜାରୋ ଆରୋହଣକାରୀ ୨ ଓଡ଼ିଆ ସମ୍ବର୍ଦ୍ଧିତ

କଳିଙ୍ଗନଗର,୨୬।୯(ଶୁଭାଶିଷ ରାଉତ): ନିକଟରେ ଆଫ୍ରିକାର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋକୁ ସଫଳତାର ସହ ଆରୋହଣ କରିଥିବା ଯାଜପୁରର ସତ୍ୟବ୍ରତ ଦାସ ଓ ରାଉରକେଲାର ନାକମଣି ନୀଳିମା ହେମ୍ବ୍ରମ୍‌ଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ସୋମବାର ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଟିଏସ୍‌ଏଫର ସିଏସ୍‌ଆର୍‌ଓ ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ, କଳିଙ୍ଗନଗର ଟାଟା ଷ୍ଟିଲ ଫାଉଣ୍ଡେଶନର ୟୁନିଟ୍ ମୁଖ୍ୟ ଆଲେନ କିମ ଜୋସେଫ୍‌ଙ୍କ ସମେତ ଟିଏସ୍‌ଏଫ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନାକମଣି ନୀଳିମା ଏବଂ ସତ୍ୟବ୍ରତ ଆଫ୍ରିକାର ତାଞ୍ଜାନିଆରେ ଥିବା ୫,୮୯୫ ମିଟର(୧୯,୩୪୦ଫୁଟ) ଉଚ୍ଚତା ବିଶିଷ୍ଟ କିଲିମାଞ୍ଜାରୋ ଗିରିଶୃଙ୍ଗକୁ ଆରୋହଣ କରିଛନ୍ତି। ଟିଏସ୍‌ଏଫ୍ ଦୁଗ୍ଧ ଉନ୍ନୟନ ସଂଯୋଜକ ଭାବେ କାର୍ଯ୍ୟରତ ସତ୍ୟବ୍ରତ ଯାଜପୁର ଜିଲା ଦାନଗଦୀ ବ୍ଲକ ଅନ୍ତର୍ଗତ କୁମ୍ଭୀର ଗଡ଼ିଆ ଗ୍ରାମର ଏବଂ ଟିଏସ୍‌ଏଫ୍ ମ୍ୟାନେଜର ଭାବେ କାର୍ଯ୍ୟରତ ନାକମଣି ନୀଳିମା ହେଉଛନ୍ତି ରାଉରକେଲାର ବାସିନ୍ଦା। ପର୍ବତାରୋହୀମାନଙ୍କୁ ଅଭିନନ୍ଦନ ଜଣାଇ ମନ୍ତ୍ରୀ ଘଡ଼େଇ କହିଛନ୍ତି, ଆଗାମୀ ଦିନରେ ସତ୍ୟବ୍ରତ ଓ ନୀଳିମା ବିଶ୍ୱର ସର୍ବୋଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ନିଜ ପର୍ବତାରୋହଣ ଯାତ୍ରାର ଅନୁଭୂତି ବଖାଣିବାକୁ ଯାଇ ସତ୍ୟବ୍ରତ କହିଛନ୍ତି, ପର୍ବତାରୋହଣ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଛି। ଗତ ୧୨ ବର୍ଷ ମଧ୍ୟରେ ସେ ରେନକ ଗିରିଶୃଙ୍ଗ (୧୭,୦୦୦ ଫୁଟ), ଷ୍ଟକ କାଙ୍ଗରି (୨୦,୧୮୭ ଫୁଟ), ଜନି ଗିରିଶୃଙ୍ଗ (୧୮,୦୦୦ ପୁଟ), ମାଉଣ୍ଟ୍ ସତୋପନ୍ଥ (୨୩,୨୧୨ ଫୁଟ), କାବ୍ରୁ ଡୋମ ବେସ (୨୧,୦୦୦ ଫୁଟ) ଏବଂ ମାଉଣ୍ଟ କାନାମୋ (୧୯,୬୦୦ ଫୁଟ) ସଫଳତାର ସହ ଆରୋହଣ କରପାରିଛନ୍ତି। ନାକମଣି ନୀଳିମା କହିଛନ୍ତି, ଏହା ହେଉଛି ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧି। ବିଗତ ଏକ ଦଶନ୍ଧି ଧରି ସେ ପର୍ବତାରୋହଣରେ ନିଜକୁ ଉତ୍ସର୍ଗ କରିଛନ୍ତି। ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ୬,୧୫୩ ମିଟର (୨୦,୧୮୭ ଫୁଟ) ଉଚ୍ଚତା ବିଶିଷ୍ଟ ଲଦାଖର ଟ୍ରାନ୍ସ-ହିମାଳୟ ଅଞ୍ଚଳର ସର୍ବୋଚ୍ଚ ଗିରୀଶୃଙ୍ଗ ଷ୍ଟୋକ କାଙ୍ଗରି ଏବଂ ଦକ୍ଷିଣ ଆମେରିକାର ମାଉଣ୍ଟେନ ଆକନକାଗୁଆ। ଯାଜପୁର ଜିଲାରେ ପର୍ବତାରୋହଣର ପ୍ରସାର କରିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ୨୦୦୯ ପରଠାରୁ ବିଭିନ୍ନ ପାଠ୍ୟକ୍ରମ ଜରିଆରେ ପର୍ବତାରୋହଣକୁ ଗ୍ରହଣ କରିବା ଲାଗି ଫାଉଣ୍ଡେଶନ ୮୦୦ରୁ ଅଧିକ ଯୁବବର୍ଗଙ୍କୁ ଉତ୍ସାହିତ କରିଛି। ସେହି ଉଦ୍ୟମରୁ କଳିଙ୍ଗନଗର ପର୍ବତାରୋହୀ ଦଳ ଗଠନ କରାଯାଇଛି। ଯେଉଁଥିରେ ୧୨ ଜଣ ଉତ୍ସର୍ଗୀକୃତ ପର୍ବତାରୋହୀ ରହିଛନ୍ତି।


ସତ୍ୟବ୍ରତ ଦାସ ଓ ନାକମଣି ନୀଳିମା ହେମ୍ବ୍ରମ୍‌ଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ୧୭୬ ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ପାଟକୁରା,୨୬।୯(ରବୀନ୍ଦ୍ର ନାଥ ବାରିକ): କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନାରେ ଏବଂ ରାଜ୍ୟ ସରକାରଙ୍କ ସହାୟତାରେ ଗରଦପୁର ବ୍ଲକ ପରିସରରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟକ ଉପକରଣ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଧର୍ମରଞ୍ଜନ ପଣ୍ଡା, ଓଲଟପୁର ନିରତାର୍ ଅନୁଷ୍ଠାନର ଡା. ରାଜେଶ୍ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଜୟ ପ୍ରକାଶ ବାରିକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ମେଳାରେ ଶାରୀରିକ ଭିନ୍ନକ୍ଷମଙ୍କ ସମେତ ଶ୍ରବଣ ବାଧିତ ଭଳି ଅନ୍ୟୁନ ୨୧ ପ୍ରକାରର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କୁ ମିଶାଇ ୧୭୬ ଜଣଙ୍କୁ ତିନି ଚକିଆ ସାଇକେଲ, ଶ୍ରବଣ ଯନ୍ତ୍ର ,ଆଶାବାଡ଼ି, ୱାକର ସମେତ ମୋଟ୍ ୬୭୦ ପ୍ରକାରର ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି ମେଳାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସଂଯୋଜନା କରିଥିବା ବେଳେ ଶୁଭଶ୍ରୀ ନାୟକ, ବରିଷ୍ଠ କର୍ମଚାରୀ ଚୈତନ ବିଶ୍ୱାଳ, ଶଙ୍କର୍ଷଣ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ।

# ହୋଟେଲରୁ ଅଣଓଡ଼ିଆ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଜପୁରରୋଡ୍,୨୬।୯ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଥାନା ବ୍ୟାସନଗର ପୌରାଞ୍ଚଳସ୍ଥ ଷ୍ଟେଶନ ବଜାର ନିକଟରେ ଥିବା ଏକ ହୋଟେଲରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ପଶ୍ଚିମବଙ୍ଗ ଉତ୍ତର ୨୪ ପର୍ଗନା ଖଣ୍ଡାହାତ ଥାନା ପୁନିହାଟି ଅଞ୍ଚଳର କୌଶଲ ଚନ୍ଦ(୨୭) ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସେ ଜଣେ ହାଇଡ୍ରୋଲିକ ଇଞ୍ଜିନିୟର ବୋଲି ଜଣାପଡିଛି।

ଚଳିତ ମାସ ୧୧ ତାରିଖରୁ ଯୁବକ ଜଣଙ୍କ ହୋଟେଲର ରୁମ୍ ନମ୍ବର ୨୦୭ରେ ରହି ଆସୁଥିଲେ। ରବିବାର ସେ ଖାଇପିଇ ଆସି ରାତିରେ ଶୋଇଥିଲେ। ସୋମବାର ସକାଳେ କୌଶଳ ହୋଟେଲ ରୁମ୍ ବାହାରକୁ ଆସି ନ ଥିଲେ। ସନ୍ଦେହହେବାରୁ ହୋଟେଲ କର୍ମଚାରୀ ରୁମକୁ ଯାଇ ଡାକିବାରୁ ଭିତରୁ କୌଣସି ଉତ୍ତର ମିଳି ନ ଥିଲା କିମ୍ବା କବାଟ ମଧ୍ୟ ଖୋଲି ନ ଥିଲା। ହୋଟେଲ ମାଲିକ ତୁରନ୍ତ ଯାଜପୁର ରୋଡ୍ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ସାଇଣ୍ଟିଫିକ ଟିମ ସହାୟତରେ କବାଟ ଖୋଲି ଗାଧୁଆ ଘର ସାୱାରରୁ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ ହୋଟେଲର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ମୃତ ଯୁବକଙ୍କ ମୋବାଇଲ ଓ ଲାପଟପକୁ ଜବତ କରି ଯାଞ୍ଚ କରୁଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି। ତାଙ୍କ ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ନଂ.୪୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୌଶଲ ରାଉରକେଲାର ଏକ କମ୍ପାନୀରେ ହାଇଡ୍ରୋଲିକ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବାବେଳେ କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲକୁ କାର୍ଯ୍ୟ କରିବାକୁ ଆସିଥିଲେ ବୋଲି ସୂଚନା ମିଳିଛି। ଉକ୍ତ କମ୍ପାନୀ ଗତ ୩ ମାସ ହେବ ଛୁଟି ଦେଇନଥିବାବେଳେ ତାଙ୍କ ଦରମା ମଧ୍ୟ ଦେଉ ନ ଥିବାକୁ ନେଇ କୌଶଲ ମାନସିକ ଚାପରେ ଥିବା ତାଙ୍କ ଭିଣୋଇ ସତ୍ୟଜିତ ପାଲ ଅଭିଯୋଗ କରିଛନ୍ତି।


କୌଶଲ ଚନ୍ଦ।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ଧର୍ମଶାଳା,୨୬।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ବରିଷ୍ଠ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଜାରକାସ୍ଥିତ ଗୋପବନ୍ଧୁ ଛକରେ ସମସ୍ତ ନେତୃମଣ୍ଡଳୀ ଏକତ୍ରିତ ହୋଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶୋଭାଯାତ୍ରାରେ ବାହାରି ଜାରକା ବଜାର ପରିକ୍ରମା କରିଥିଲେ। ବହୁ କର୍ମୀ ସାମିଲ ହୋଇ ନାନା ସ୍ଲୋଗାନ ଦେଇ ଜାରକା, କୁମାରୀ ଓ ଗଙ୍ଗାଧରପୁର ପଞ୍ଚାୟତକୁ ପଦଯାତ୍ରା କରିଥିଲେ।


କଂଗ୍ରେସ କର୍ମୀମାନେ ପଞ୍ଚାୟତରେ ଶୋଭାଯାତ୍ରା କରୁଛନ୍ତି।

### ଚୋରା ମୋରମ ବୋଝେଇ ୪ ଟ୍ରାକ୍ଟର ଜବତ

ମୋରଡ଼ା,୨୬।୯ (ସ୍ମାରକ ମାଜୀ)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଣ୍ଡୁଆଲ): ମୟୂରଭଞ୍ଜ ଜିଲା ମୋରଡ଼ା ଓ ଖୁଣ୍ଟା ଥାନା ପୋଲିସ ଚୋରା ମୋରମ ବୋଝେଇ ୪ ଟ୍ରାକ୍ଟର ଜବତ କରିଛି। ମଙ୍ଗଳବାର ତହସିଲ ଅଧୀନ ଭୋଳାଗଡ଼ିଆ ଗ୍ରାମ ନିକଟ ଦେଇ ଯାଇଥିବା ଏକ କେନାଲ ପାର୍ଶ୍ୱରୁ ମୋରମ ଚୋରି ହେଉଥିବା ଖବର ପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଏକ ଟ୍ରାକ୍ଟର ଜବତ କରିଥିଲେ। ମୋରଡ଼ା ତହସିଲ ଅଞ୍ଚଳରେ ଥିବା ସୁବର୍ଣ୍ଣରେଖା ଓ .ଶାଖା କେନାଲ କଡ଼ରେ ଥିବା ଶତାଧିକ ଟ୍ରିପ୍ ମୋରମ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ତହସିଲ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଅଞ୍ଚଳରେ ସୋମବାର ରାତିରେ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ବେଳେ ପୋଲିସ ୩ ଟ୍ରାକ୍ଟର ଜବତ କରିଛି। ଜବତ ଟ୍ରାକ୍ଟରଗୁଡ଼ିକୁ କୁଆମରା ଫାଣ୍ଡିରେ ଅଟକ ରଖାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ, ଭତ୍ତା ବଣ୍ଟନ


ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ଅନ୍ୟମାନେ।

ବଡ଼ଚଣା,୨୬।୯(ଦିଲୀପ ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଓ ସଭାଗୃହ ଉଦ୍‌ଘାଟନ କରାଯାଇଛି। ଏଥିସହିତ ୪ ପଞ୍ଚାୟତର ୨୫୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଶାନ୍ତିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତର ନୂତନ କାର୍ଯ୍ୟାଳୟ, ସଭାଗୃହ ଉଦ୍‌ଘାଟନ କରିବା ସହ ଶାନ୍ତିପୁର ପଞ୍ଚାୟତର ୩୮, ସୁଙ୍ଗୁଡ଼ାର ୧୫, କୁନ୍ଦଳର ୧୨୦ ଓ ଅରଖପୁର ପଞ୍ଚାୟତର ୭୭ ବୃଦ୍ଧାବୃଦ୍ଧ ଓ ବିକଳାଙ୍ଗ ଆଦିଙ୍କୁ ମଧୁବାବୁ ପେନ୍‌ସନ ଯୋଜନାର ଭତ୍ତା ପ୍ରଦାନ କରିଥିଲେ। ସଭାରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ସଭାପତିତ୍ୱ କରିଥିଲେ। ସରପଞ୍ଚ ମିନକେତନ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ସାମାଜିକ କର୍ମୀ ଶ୍ରୀବତ୍ସ ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ନିରଞ୍ଜନ ସେନାପତି, ଅମର ମହାନ୍ତି, ମିହିର ସ୍ୱାଇଁ, ସଞ୍ଜୟ ସ୍ୱାଇଁ, କୃପାସିନ୍ଧୁ ମହାରଣା, ଅନନ୍ତ ଜେନା, ମାନ ଗୋବିନ୍ଦ ସେଠୀ, ଝୁନିବାଳା ମହାପାତ୍ର, ପ୍ରକାଶ ପ୍ରଧାନ ଓ ସରପଞ୍ଚ ନବଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମିତିସଭ୍ୟ ମୀନକେତନ ସେଠୀ ଧନ୍ୟବାଦ ଦେଇଥିଲେ।

**କ୍ୟାନ୍‌ସରରେ ଅଭିମନ୍ୟୁଙ୍କ ମୃତ୍ୟୁ, ପରିବାର ବେସାହାରା**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ପଦିନି ଗାଁର ଅଭିମନ୍ୟୁ ଭୂୟାଁଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ବର୍ଷ ହୋଇଥିଲା। ସେ ଦୀର୍ଘ ୮ମାସ ହେଲା କ୍ୟାନସରରେ ପୀଡିତ ଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ମୂଲ ଲାଗିଲେ ପରିବାରରେ ଚୁଲି ଜଳୁଥିଲା। ମୃତ୍ୟୁ ପରେ ତାଙ୍କ ପତ୍ନୀ, ୧୧ ବର୍ଷର ଝିଅ ଓ ୩ ବର୍ଷର ପୁଅ ବେସାହାରା ହୋଇ ପଡ଼ିଛନ୍ତି। ଅଭିମନ୍ୟୁ ରୋଗରେ ଘରେ ପଡ଼ିବା ପରେ ପରିବାର ଓଳିଏ ଖାଇଲେ ଆରଓଳି ଉପବାସରେ ରହୁଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସହାୟତାରେ ଅଭିମନ୍ୟୁଙ୍କ ମେଡିସିନ ଖର୍ଚ୍ଚ ମିଳି ପାରୁଥିଲା। ଅଭିମନ୍ୟୁଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବେ ସେ ନେଇ ଆଶା ଆଶଙ୍କାରେ ରହିଛନ୍ତି।

## ସଂକ୍ଷେପରେ

### ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ହଂସୁଆ ନଦୀରୁ ମାଟି ଉଠିଲା

ରାଜନଗର, ୨୬।୯ (ଭାସ୍କର ରାଉତରାୟ)

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ମା'ଦୁର୍ଗାଙ୍କ ଆଗମନ ପାଇଁ ରାଜନଗର ଏବେ ଚଳଚଞ୍ଚଳ ହୋଇଉଠିଛି। ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମଙ୍ଗଳବାରି ପବିତ୍ର ସୁନିଆଁ ତିଥିରେ ହଂସୁଆ ନଦୀରୁ ମାଟି ଉଠାଯାଇଛି। ରାଜନଗର ଦେବୀ ଘରୁ ପାରମ୍ପାରିକ ବାଦ୍ୟ ସହ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ବିଜୟ କୁମାର ନନ୍ଦ, ରବିନାରାୟଣ ମିଶ୍ର, ହରକୁମାର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ରଜନୀକାନ୍ତ ଦେବତା ପ୍ରମୁଖ ନଦୀ କୂଳରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ମାଟି ଉଠାଯାଇଥିଲା। ମାଟିକୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଦେବୀ ଘରକୁ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ଅଜୟ କୁମାର ଜେନା, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ରମେଶ ଚନ୍ଦ୍ର ଲାଲ, ଅକ୍ଷୟ କୁମାର ନାୟକ, ନାରାୟଣ ମାହୁନ୍ତ, ପ୍ରହ୍ଲାଦ ମଳିକ, ଚିତ୍ତ ରଞ୍ଜନ ଦାସ, ହଳଧର ସେଠୀ, ସୂର୍ଯ୍ୟ ନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗଳିଦାଣ୍ଡର ମା'ବନଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ହଂସୁଆ ନଦୀରୁ ମାଟି ଉଠାଯାଇଛି। ପୂଜକ ରବି ନାରାୟଣ ପତି, ବୈକୁଣ୍ଠ ରଥ ପ୍ରମୁଖ ନଦୀ କୂଳରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭିକାରୀ ଚରଣ ବଳ, ଅଭିରାମ ସାହୁ, ହେମନ୍ତ କୁମାର ସାହୁ, ଦାଶରଥି ଲେଙ୍କା, ଆଲୋକ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ଅଭିରାମ ପତି ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୬।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମରେ ମୋ ଦେଶ ଓ ମୋ ମାଟି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ନେତା ଅଲେଖ ଜେନାଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟକର୍ତ୍ତାମାନେ ବନ୍ଦେ ମା' ତରଙ୍ଗ ଧ୍ୱନି ସହ ଜାତୀୟ ପତାକା ଉଡାଇ ଶୋଭାଯାତ୍ରା କରିବା ସହ ମାଟି ସଂଗ୍ରହ କରିଥିଲେ। ଏଥିରେ ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁ, ଭାଜପା ଯୁବନେତା ବସନ୍ତ ସାହୁ, ନଗର ଯୁବ ସଭାପତି ଅଜୟ ଦାସ, ଦୀପକ ମଲିକ, ଦେବାଶିଷ ମଲିକ, ପ୍ରତାପ ଜେନା, ପାରେଶ୍ୱର ପାତ୍ର, ରଜନୀକାନ୍ତ ଦାସ, କାର୍ତ୍ତିକ ସେଠୀ, ଅମୂଲ୍ୟ ସାହୁ, ଗୋଲକ ମଲିକ, ଗୁରୁ ଚରଣ ବାରିକ ସାମିଲ ହୋଇଥିଲେ। ଶେଷରେ ଅମୀୟ ସାହୁ ଧନ୍ୟବାଦ ଦେଇଥିଲେ।

### ୧୭୬ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ପାଟକୁରା, ୨୬।୯ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନାରେ ଏବଂ ରାଜ୍ୟ ସରକାରଙ୍କ ସହାୟତାରେ ଗରଦପୁର ବ୍ଲକ ପରିସରରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟକ ଉପକରଣ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଧର୍ମରଞ୍ଜନ ପଣ୍ଡା, ଓଲଟପୁର ନିରତାର୍ ଅନୁଷ୍ଠାନର ଡା. ରାଜେଶ୍ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଜୟ ପ୍ରକାଶ ବାରିକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ମେଳାରେ ଶାରୀରିକ ଭିନ୍ନକ୍ଷମଙ୍କ ସମେତ ଶ୍ରବଣ ବାଧିତ ଭଳି ଅନ୍ୟୂନ ୨୧ ପ୍ରକାରର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କୁ ମିଶାଇ ୧୭୬ ଜଣଙ୍କୁ ତିନି ଚକିଆ ସାଇକେଲ, ଶ୍ରବଣ ଯନ୍ତ୍ର ,ଆଶାବାଡ଼ି, ୱାକର ସମେତ ମୋଟ୍ ୬୭୦ ପ୍ରକାରର ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି ମେଳାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସଂଯୋଜନା କରିଥିବା ବେଳେ ଶୁଭଶ୍ରୀ ନାୟକ, ବରିଷ୍ଠ କର୍ମଚାରୀ ଚୈତନ ବିଶ୍ୱାଳ, ଶଙ୍କର୍ଷଣ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ।

# ବିଡିଓଙ୍କୁ ଅଭିଯୋଗ କଲେ ପଞ୍ଚାୟତ ଜନ ପ୍ରତିନିଧି

ରାଜନଗର, ୨୬।୯ (ଭାସ୍କର ରାଉତରାୟ)

**୬ ପ୍ରକଳ୍ପ ନାଁରେ ୧୦ ଲକ୍ଷ ଟଙ୍କାର ଫଲ୍ସ ବିଲ ଘଟଣା**

- କୋଇଲିପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଅକ୍ଟୋବର ୧୦ରୁ ଆମରଣ ଅନଶନ


ବିଡିଓଙ୍କୁ କୋଇଲିପୁର ପଞ୍ଚାୟତର ଲୋକପ୍ରତିନିଧି ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୬ଟି ପ୍ରକଳ୍ପ ନାଁରେ ଫଲ୍ସ ବିଲ କରି ୧୦ ଲକ୍ଷ ଟଙ୍କା ସରକାରୀ ଅର୍ଥ ଉଠାଇ ନିଆଯାଇଛି। ଏ ନେଇ ମଙ୍ଗଳବାର ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନେ ବିଡିଓଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପରିବର୍ତ୍ତେ ୬ଟି ପ୍ରକଳ୍ପର ଫାଇଲ କାହିଁକି ବ୍ଲକରେ ଖୋଲାଗଲା ଓ ଆଦୌ କାମ ନ କରି କିପରି ଫଲ୍ସ ବିଲ କରାଗଲା, ତାହାକୁ ନେଇ ପଞ୍ଚାୟତ ପ୍ରତିନିଧିମାନେ ବିଡିଓଙ୍କୁ ପ୍ରଶ୍ନ କରିବା ସହ ଏହି ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ୧୫ଦିନ ମଧ୍ୟରେ ଏ ନେଇ ସରକାରୀ ଅର୍ଥ ଲୁଟି ନେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅକ୍ଟୋବର ୧୦ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତବାସୀ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

କୋଲଇପୁର ପଞ୍ଚାୟତର ବଡ଼ପଲ୍ଲୀ ଗାଁର ପ୍ରାଥମିକ ବିଦ୍ୟାଳୟଠାରୁ ସବ୍‌ଷ୍ଟେଶନ ସ୍କୋୟାର ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଙ୍ଗ କାମ ୨୦୨୩ ମେ ୩୦ରେ କାମ ଆରମ୍ଭ ହୋଇ ଜୁନ୍ ୧୨ ତାରିଖ ଯାଏ ହୋଇଥିବା ଦର୍ଶାଇ ୪୫୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୬୫୦ ଟଙ୍କା, କାଙ୍କଦିଆ ଗାଁର ଶେଷମୁଣ୍ଡଠାରୁ ସାଲାଇନ ଏମ୍ବାକମେଣ୍ଟ ଯାଏ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଫିଲିଂ କାମ ୨୦୨୨ ନଭେମ୍ବର ୨୨ରୁ ଆରମ୍ଭ ହୋଇ ଡିସେମ୍ବର ୧୨ ଯାଏ ହୋଇଥିବା ଦର୍ଶାଇ ୪୭୩ ଜଣ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୫ ହଜାର ୬ ଟଙ୍କା, ବରୁଣିପଲ୍ଲୀ ଗାଁର ଗୋଜବାୟାଣୀ ପୀଠଠାରୁ ଶ୍ରୀଧର ବେଜ ଘର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫଲିଂ ଦର୍ଶାଇ ୨୦୨୨ ନଭେମ୍ବର ୨୪ରୁ ଡିସେମ୍ବର ୭ ପର୍ଯ୍ୟନ୍ତ ୪୮୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୫୬୦ ଟଙ୍କା, ବଡ଼ପଲ୍ଲୀସ୍ଥିତ ଚଞ୍ଚଳା ଷ୍ଟାଡିୟମର ସାଇଡରେ ମାଟି ଫିଲିଂ ଦର୍ଶାଇ ୨୦୨୨ ନଭେମ୍ବର ୨୪ରୁ ୨୦୨୩ ମାର୍ଚ୍ଚ ୨୫ ମଧ୍ୟରେ ୮୮୫ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୯୬ ହଜାର ୪୭୦ ଟଙ୍କା, ତେତେଲେଙ୍ଗା ଗାଁର ପ୍ରଫୁଲ୍ଲ ଦାସ ଘରଠାରୁ ଶ୍ମଶାନ ଘର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ ନାଁରେ ୨୦୨୩ ମେ ୩୦ରୁ ଜୁନ୍ ୧୨ ମଧ୍ୟରେ ୪୫୬ଜଣ ଶ୍ରମିକ କାମ କରିବା ଦର୍ଶାଇ ୧ ଲକ୍ଷ ୮ ହଜାର ୭୨ ଟଙ୍କା, ବଡପଲ୍ଲୀ ହରଗୌରୀ ମାର୍କେଟ ନିକଟ ଏସ୍‌ଡବ୍ଲ୍ୟୁପିସି ନିକଟରେ ମାଟି ଫିଲିଂ ନାଁରେ ୨୦୨୨ ଅକ୍ଟୋବରରୁ ନଭେମ୍ବର ୧୪ ମଧ୍ୟରେ ୧୬୩୭ ଶ୍ରମିକଙ୍କ ନାଁରେ ୩ ଲକ୍ଷ ୬୪ ହଜାର ୪୧୪ ଟଙ୍କା ବିଲ କରି ଉଠାଇ ନିଆଯାଇଛି। ଆଦୌ କାମ ହୋଇ ନ ଥିବା ବେଳେ କିପରି ବିଲ କରାଗଲା ଏବଂ ଦୀର୍ଘ ୨ ବର୍ଷ ହେଲା ପଞ୍ଚାୟତରେ କେବଳ ମୋ ଉପକାରୀ ବଗିଚା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଦ୍ ଦେଲେ ଅନ୍ୟ କୌଣସି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ହୋଇନାହିଁ। କେଉଁ ଜରୁରୀ ଆବଶ୍ୟକତା ପଡ଼ିଲା, ବ୍ଲକ କାର୍ଯ୍ୟାଳୟରେ ଫାଇଲ ଖୋଲି ୬ ଛଅଟି ପ୍ରକଳ୍ପ ନାଁରେ ୧୦ ଲକ୍ଷ ଟଙ୍କା ଲୁଟି ନିଆଗଲା ବୋଲି କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ, ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ୱାର୍ଡସଭ୍ୟ ପର୍ଶୁରାମ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପରିଡା ପ୍ରମୁଖ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

### ଧାନ ଫସଲରେ ରୋଗପୋକ ନିୟନ୍ତ୍ରଣ ସଚେତନତା

ରାଜନଗର, ୨୬।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ବାବା ଅନାଦି କୃଷକ ଉତ୍ପାଦନ କମ୍ପାନୀ ଏବଂ କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଧାନ ଫସଲରେ ମାଟିଆଗୁଣ୍ଡି ପୋକ, ଧଳାପିଠିଆଗୁଣ୍ଡି ପୋକର ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରିଫ ଧାନ ଫସଲରେ ଆଗାମୀଦିନରେ ଯେପରି ଏହି ପୋକର ପ୍ରାଦୁର୍ଭାବ ଯୋଗୁ ଚକଡା ସମସ୍ୟା ନ ଆସେ ସେଥିପାଇଁ ଚାଷୀମାନଙ୍କୁ ସଚେତନତା କରାଯାଇଥିଲା। କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଗାୟତ୍ରୀ ସାହୁ, କ୍ଷେତ୍ର ବୈଜ୍ଞାନିକ ଡ. ତାପସ ରଞ୍ଜନ ସାହୁ ଏବଂ ମୃତ୍ତିକା ବିଶେଷଜ୍ଞ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ପୋକର ପ୍ରାଦୁର୍ଭାବ ରୋକିବାକୁ ଧାଡ଼ିରୁଆ ପାହି କରିବା, ଠିକ କୀଟନାଶକ ଅନୁମୋଦିତ ପରିମାଣରେ ପ୍ରୟୋଗ କରିବା ଉପରେ କହିଥିଲେ। ଏଥିରେ ବ୍ଲକ କୃଷି ଅଧିକାରୀ ଦେବବ୍ରତ ସେଠୀ, ବାବା ଅନାଦୀ କୃଷକ ଉତ୍ପାଦନ କମ୍ପାନୀର ମୁଖ୍ୟ ଗୋବର୍ଦ୍ଧନ ପ୍ରଧାନ, ଏଡିଓ ପଙ୍କଜ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସମରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ମାର୍ଶାଘାଇ, ୨୬।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**ଶିକ୍ଷାଧିକାରିଣୀଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଲା**



ହଳଦିଆଗଡ଼ା- ପାଟକୁରା ରାସ୍ତାରେ ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ଦାବିରେ ବର୍ଷାରେ ଓଦା ହୋଇ ଅବରୋଧ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ମୋଟା ଅଙ୍କର ଦରମା ନେଇ ଶିକ୍ଷା ବିଭିଗରେ ବିଭିନ୍ନ ପଦ ପଦବୀ ସୃଷ୍ଟି କରାଯାଇ ପିଲାଙ୍କ ପାଠ ପଢା କିଭଳି ଭଲ ହେବ ସେଥିପାଇଁ ସରକାର ଦୃଷ୍ଟି ଦେଉଛନ୍ତି। ହେଲେ ଶିକ୍ଷକ ଅଭାବ ଯୋଗୁ ପିଲାଙ୍କ ପାଠପଢାରେ ବ୍ୟାଘାତ ଘଟୁଛି। ଶିକ୍ଷକ ନିଯୁକ୍ତି ଲାଗି ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ କୌଣସି ସୁଫଳ ମିଳୁନାହିଁ। ଫଳରେ ପିଲାମାନେ ନିଜର ଭବିଷ୍ୟତ କଥା ଚିନ୍ତା ନିଜେ କରି ପାଠ ପଢା ଛାଡି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡା ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରି ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ମଙ୍ଗଳବାର ଛାତ୍ରୀଛାତ୍ରମାନେ ହଳଦିଆଗଡ଼ା-ପାଟକୁରା ମୁଖ୍ୟ ରାସ୍ତାର ଶାସନିପଡ଼ା ଛକ ଉପରେ ରାସ୍ତାର ଦୁଇପାଖରେ ବାଉଁଶ ବାନ୍ଧି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବସି ରହିଥିଲେ। ଫଳରେ ରାସ୍ତାର ଦୁଇପାଖରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିଲା। ପ୍ରବଳ ଖରା ଓ ବର୍ଷାରେ ଛାତ୍ରୀଛାତ୍ରମାନେ ଧାରଣାରେ ବସି ରହିଥିଲେ। ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଘଟଣାସ୍ଥଳକୁ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀ ଆସିଲେ ରାସ୍ତାରୋକୋରୁ ଉଠିବେ ବୋଲି କହିଥିଲେ। ଅପରାହ୍ନରେ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ମାର୍ଶାଘାଇ ବ୍ଲକଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ପହଞ୍ଚି ବୁଧବାର ସୁଦ୍ଧା ଜଣେ ସଂସ୍କୃତ ଓ ଜଣେ ଟିଜିଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠି ଥିଲେ।

### ଭାଜପାର ବସ୍ତି ସମ୍ପର୍କ ଅଭିଯାନ

ତିର୍ତ୍ତୋଲ, ୨୬।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ମଣ୍ଡଳ ଭାଜପା ତରଫରୁ କଟରା ପଞ୍ଚାୟତ ମର୍ଦ୍ଦୋଳ ଗ୍ରାମରେ ମଙ୍ଗଳବାର ବସ୍ତି ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ଅନୁସୂଚିତ ଜାତିର ରାଜ୍ୟ ସଭାପତି ତଥା ପୂର୍ବତନ ଏମପି ବିଭୂପ୍ରସାଦ ତରାଇ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ପରେ ଘରକୁ ଘର ବୁଲି କେନ୍ଦ୍ରୀୟ ଯୋଜନାର ଲାଭ ହିତାଧିକାରୀମାନେ ପାଉଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ରାଜ୍ୟ ଉପ ସଭାନେତ୍ରୀ ସ୍ମିତା ପ୍ରଧାନ, କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି ସାମିଲ ହୋଇ ଜନସାଧାରଣଙ୍କୁ ଏହି ବସ୍ତି ସମ୍ପର୍କ ଅଭିଯାନ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଅଶୋକ ନାୟକ, ରମାକାନ୍ତ ସାହୁ, ରଶ୍ମିରଞ୍ଜନ ବିଶ୍ୱାଳ, ରାଜକିଶୋର ସ୍ୱାଇଁ, ରଞ୍ଜନ ନାୟକ, ପ୍ରଦିପ କାନୁନ୍‌ଗୋ, ସୂର୍ଯ୍ୟକାନ୍ତ ଦାସ, ପୁଷ୍ପାଞ୍ଜଳି ମହାନ୍ତି, ଦେବେନ୍ଦ୍ର ମଲ୍ଲିକ, ପ୍ରଭାତୀ ସେଠୀ, ସୁରେନ୍ଦ୍ର ମଲ୍ଲିକ, ବାବାଜୀ ମଲ୍ଲିକ, ଫିରୋଜ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଭଡ଼ା ଗାଡ଼ି ଅର୍ଥ ତୋସରପାତ ଅଭିଯୋଗ

କେନ୍ଦ୍ରାପଡ଼ା, ୨୬।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧୀନ ଓଡ଼ିଶା ଜୀବିକା ମିଶନରେ ନିୟୋଜିତ ଗାଡ଼ିର ଭଡ଼ା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଭଡ଼ା ବାବଦ ଅର୍ଥ ତୋସରପାତ ହୋଇଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ କୁମାର ମହାନ୍ତିଙ୍କ ସାମାଜିକ ଗଣମାଧ୍ୟମରେ ହୋଇଥିବା ପୋଷ୍ଟ ଭାଇରାଲ ହେବାରେ ଲାଗିଛି।

ଏ ସମ୍ପର୍କରେ ଜିଲା ଆବାହକ ମହାନ୍ତି କହିଛନ୍ତି, ସରକାରୀ ସଂସ୍ଥାନରେ ବେସରକାରୀ ଗାଡ଼ି ଭଡ଼ା ସମ୍ପର୍କରେ ତଥ୍ୟ ଜାଣିବା ପାଇଁ କଟକ ଜିଲା ବଡ଼ପାଟ ସୁନ୍ଦରପୁର ଗ୍ରାମର ଶରତ କୁମାର ପରିଡା ରାଜ୍ୟ ସରକାରଙ୍କ ପିଆର ବିଭାଗକୁ ସୂଚନା ଅଧିକାର ଆଇନ ଅନୁସାରେ ଦରଖାସ୍ତ କରିଥିଲେ। କେନ୍ଦ୍ରାପଡ଼ା ଜିଲା ପରିଷଦ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଓଡ଼ିଶା ଜୀବିକା ମିଶନ ଅଧୀନରେ ୨୦୨୦ ଅଗଷ୍ଟ ୧ରୁ କେନ୍ଦ୍ରାପଡ଼ା ବ୍ଲକ ମରଡ଼ପୁର ଗ୍ରାମର କବିତା ନାୟକ ଓ ହେମନ୍ତ କୁମାର ନାୟକଙ୍କ ଓଡି ୦୫ ଏକ୍ସ୍ୟୁ ୯୫୪୨ ଗାଡ଼ି ଭଡ଼ାରେ ନିଆଯାଇଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ମାଗୁରବନ୍ଧ ପାଟଣା ଗ୍ରାମର ମନୋଜ କୁମାର ଜେନାଙ୍କ ଓଡି ୨୯ସି ୭୦୬୨ ଗାଡ଼ି ଓଏଲଏମ୍ ଅଧୀନରେ ଭଡ଼ାରେ ଚାଲିଛି। ମନୋଜଙ୍କ ଗାଡ଼ି ୨୦୧୬ ଡିସେମ୍ବର ୧୨ରେ ଲାଗିଥିଲା। ଏହି ସମୟରେ ମାସିକ ଭଡ଼ା ବାବଦ ୧୯,୫୦୦ ଟଙ୍କା ଦିଆଯାଉଥିଲା। ୨୦୧୯ରେ ଏହି ଭଡ଼ା ୧୯,୩୦୦ ଟଙ୍କାକୁ ଖସିଥିବା ବେଳେ ଏହି ପୁରୁଣା ଗାଡିର ଭଡ଼ା ୨୦୨୦ ମାର୍ଚ୍ଚ ୧୬ରେ ହଠାତ ବଢ଼ିଯାଇ ୨୬ ହଜାର ଟଙ୍କା ଲେଖା ୨୦୨୧ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଓଏଲଏମ୍ ପକ୍ଷରୁ ଦିଆଯାଇଛି। ଏହି ଗାଡ଼ି ୨୦୨୦ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ବିଭାଗରେ ୧୯,୩୦୦ ଟଙ୍କା ଭଡ଼ା ବାବଦ ପାଇଥିବା ବେଳେ ଏକା ସମୟରେ ୨୬ ହଜାର ଟଙ୍କା କିଏ ନେଇଛି ବୋଲି ଜିଲା ଆବାହକ ପ୍ରଶ୍ନ କରିଛନ୍ତି। ସେହିପରି କବିତା ଓ ହେମନ୍ତଙ୍କ ଗାଡ଼ି ୨୦୧୯ ଜୁନ ୧୦ରୁ ୨୦୨୧ ଜୁନ ୯ ପର୍ଯ୍ୟନ୍ତ ମାସିକ ଭଡ଼ା ୨୦ ହଜାର ଟଙ୍କା ନେଇଥିବା ବେଳେ ସେହି ସମୟରେ ଏକା ଗାଡ଼ି ବାବଦ ଗୋଟିଏ ବର୍ଷ ପର୍ଯ୍ୟନ୍ତ ମାସିକ ଭଡ଼ା ବାବଦ ୩୧ ହଜାର ଟଙ୍କା ପଇଠ ହୋଇଛି। ଯାହା ଗୋଟିଏ ବଡ଼ଧରଣର ଅର୍ଥ ତୋସରପାତ ହୋଇଥିବା ସୂଚନା ଅଧିକାର ଆଇନର ତଥ୍ୟରୁ ସ୍ପଷ୍ଟ ହୋଇଥିବା ଜିଲା ଆବାହକ ମହାନ୍ତି ସୂଚନା ଦେଇଛନ୍ତି।

### କବିତା ସଙ୍କଳନ 'ବନ୍ଦେ ମାତରମ୍' ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୨୬।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ଡା. ମନୋରନ ଦାଶଙ୍କ ୮ମ କବିତା ସଙ୍କଳନ 'ବନ୍ଦେ ମାତରମ୍' ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ପୋଖରୀଆପଡାସ୍ଥ ଟାଉନ କ୍ଲବଠାରେ ଉନ୍ମୋଚନ ସମାରୋହରେ ଅଧ୍ୟାପକ ବିରଜାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଥାକାର ତଥା କବି ଡ. ନୀଳମଣି ଲେଙ୍କା ମୁଖ୍ୟଅତିଥି, ସଙ୍ଗୀତଜ୍ଞ ରବୀନ୍ଦ୍ର ନାଥ ମିଶ୍ର, ପଲକ ପତ୍ରିକା ସମ୍ପାଦକ ଶଶୀକାନ୍ତ ଦାସ, ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶ୍ରୀ ଦୀପଶିଖା ମିଶ୍ର ଜୀବନଦର୍ଶନର ଏକ ସଙ୍ଗୀତଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଆରାଧନା ଦାଶ, ଶିକ୍ଷାବିତ୍ ଶମ୍ଭୁନାଥ ପଣ୍ଡା, ଗାଳ୍ପିକ ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ପ୍ରମୋଦ ନାୟକ, ବ୍ରଜବନ୍ଧୁ ଦାଶ, କବି ରାମକୃଷ୍ଣ ଦାଶ, ରଞ୍ଜନ ବାଇ, ଅଜୟ ପାତ୍ର, ନରହରି ଦାସ, ଚିତ୍ରଗୁରୁ ରମେଶ ଚନ୍ଦ୍ର ଦେ, ଶିକ୍ଷାବିତ୍ ସୁଶାନ୍ତ କୁମାର କର, ଓଆଇଟି ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଦାଶ ଓ ହରଗୋବିନ୍ଦ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷାବିତ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।


କବିତା ସଙ୍କଳନ ବନ୍ଦେ ମାତରମକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଆଳି ନାଗରିକ ମଞ୍ଚ ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ



ନାଗରିକ ମଞ୍ଚର ସଦସ୍ୟମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଆଳି, ୨୬।୯ (ବନମାଳୀ ସେନାପତି)

ଆଳି ନାଗରିକ ମଞ୍ଚ ପକ୍ଷରୁ ଅଞ୍ଚଳବାସୀଙ୍କ ୩ଟି ମୁଖ୍ୟ ସମସ୍ୟା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ଦିନକୁଦିନ କୁମ୍ଭୀର ଉପଦ୍ରବ ବଢ଼ି ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ନଦୀ କୂଳବର୍ତ୍ତୀ ଗ୍ରାମବାସୀ ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କୁମ୍ଭୀର ଭୟରେ ଲୋକେ ନଦୀକୁ ଗଡ଼ିବାକୁ ସାହସ କରୁନାହାନ୍ତି। ବନ ବିଭାଗ ପକ୍ଷରୁ ପୂର୍ବରୁ ନଦୀ ତୁଠରେ ଲାଗିଥିବା ତାର ଜାଲିଗୁଡ଼ିକ ନଷ୍ଟ ହୋଇଥିବାରୁ ଏହାର ମରାମତି କରି ନୂଆ ଲଗାଇବାକୁ ଦାବି ହୋଇଛି। କଟକ -ଚାନ୍ଦବାଲି ମୁଖ୍ୟ ରାସ୍ତାର ପତ୍ରପୁର ପୋଲ ନିକଟରୁ ଗଡ଼ଗଡି ପୋଲ, ଭୂଇଁପୁର ଛକ ନିକଟରୁ ଗୋବିନ୍ଦପୁର ପୋଲ, ନିଆଳ ହାଟଠାରୁ ନୂଆଗାଁ ପର୍ଯ୍ୟନ୍ତ ରାସ୍ତାରେ ବୁଲା ଗୋରୁ ରାସ୍ତାରେ ଶୋଉଥିବାରୁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ତେଣୁ ପ୍ରଶାସନ ପକ୍ଷରୁ କାଞ୍ଜିଆ ହୁଦା ନିର୍ମାଣ କରାଯାଇ ବୁଲା ଗୋରୁଙ୍କୁ ରଖାଗଲେ ଟ୍ରାଫିକ ସମସ୍ୟା ଦୂର କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ଏଥିସହ ଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ଡେଙ୍ଗୁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ତହସିଲ ପରିସରରେ ଥିବା ପୋଖରୀ ପୁନରୁଦ୍ଧାର ପାଇଁ ଦାବି କରାଯାଇଛି। ଏହି ସମୟରେ ଆଳି ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଅକ୍ଷୟ କୁମାର ମଲିକ, କମଳାକାନ୍ତ ସିଂହ, ସହଦେବ ସିଂହ, ମାୟାଧର ରାଉତ, ଦଶରଥ ମଲିକ, କରୁଣାକର ତ୍ରିପାଠୀ, ସୁହାନା ବେଗମ, ମିନତି ଦାସ, ଦୀପାନ୍ୱିତା ବେହେରା, ଲକ୍ଷ୍ମୀଧର ଦୀକ୍ଷିତ, ଲକ୍ଷ୍ମୀ ପଣ୍ଡା, ଲଳିତ ମଲିକଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା

ପଟ୍ଟାମୁଣ୍ଡାଇ, ୨୬।୯ (ଅକ୍ଷୟ ବିଶ୍ୱାଳ)


ରାସ୍ତାରେ ଖାଲଖମା।

**ଦୁର୍ଘଟଣା ଘଟି ଧନଜୀବନ ହାନି ହୋଉଛି**

ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାଠାରୁ ଇନ୍ଦୁପୁର ଯାଇଥିବା ୧୭ କିମି ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ସ୍ଥାନେ ସ୍ଥାନେ ଏହି ରାସ୍ତା ଫାଟି ଭାଙ୍ଗି ଯାଇଛି। ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ୧୩ଟି ପଞ୍ଚାୟତ ଓ କେନ୍ଦ୍ରାପଡ଼ା ବ୍ଲକର ୭ଟି ପଞ୍ଚାୟତ ସମେତ ଆଳି ବ୍ଲକର ୭ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ରାସ୍ତାଟି ମରଣଯନ୍ତା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନି ହୋଉଛି। ଏହି ରାସ୍ତାର ମରାମତି ପାଇଁ ପଟ୍ଟାମୁଣ୍ଡାଇ ବ୍ଲକର ଚନ୍ଦନପୁର, ପେଣ୍ଠପାଳ, ତରଡିପାଳ, ଅଳପୁଆ, ସିଂହଗା, ଅଣ୍ଟରା, ଅମୃତମଣୋହି ଓ କେନ୍ଦ୍ରାପଡ଼ା ବ୍ଲକର ଧୂମାତ, ଚାରିଗାଁ, ଘାଘରା, ଇନ୍ଦୁପୁର ପଞ୍ଚାୟତର ଅଧିବାସୀମାନେ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ସରକାରଙ୍କ ଅନୁମତିକ୍ରମେ ପୂର୍ତ୍ତ ବିଭାଗ ଅଧୀନକୁ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧୀନରେ ଇ-ଟେଣ୍ଡର କରାଯାଇଛି। ଏହି ରାସ୍ତାକୁ ୫ ମିଟର ଚଉଡା ପିଚୁ ଓ ଢଳେଇ ରାସ୍ତାରେ ପରିଣତ କରାଯିବ ବୋଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଆଜାମଉଦ୍ଦିନ ଖାନ୍ କହିଛନ୍ତି। ଟେଣ୍ଡର ପ୍ରକ୍ରିୟା ଶେଷ ହେଲେ ନଭେମ୍ବର ପ୍ରଥମ ସପ୍ତାହରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ତେବେ ଏହି ରାସ୍ତା ଉପରେ ପ୍ରତିଦିନ ଶହଶହ ଗାଡ଼ିମୋଟର, ଟ୍ରିପର, ପୋକଲିନ୍, ହାଇୱା ଚଳାଚଳ କରୁଥିବା ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ବିଶେଷକରି ବାଲି ବୋଝେଇ ଟ୍ରକ୍ ଓ ହାଇୱା ଚଳାଚଳ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି ବୋଲି ଲୋକ ଅଭିଯୋଗ କରୁଛନ୍ତି। ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ଥିବା ଏହି ରାସ୍ତା ଉପରେ ପ୍ରାୟ ୨୮ଟି ପଞ୍ଚାୟତର ୪୦ହଜାର ଲୋକ ନିର୍ଭର କରୁଥିବା ବେଳେ ଏହି ରାସ୍ତାର ମରାମତି ଓ ପୁନଃ ନିର୍ମାଣ କରିବାକୁ ଦାବି ହେଉଛି।

# ତଳେ ବସି ପାଠ ପଢୁଛନ୍ତି ୧୬୫ ଛାତ୍ରୀଛାତ୍ର

**ଡେରାବିଶ ଆଦର୍ଶ ବିଦ୍ୟାଳୟ**

- ଜିଲା ଶିକ୍ଷାଧିକାରୀଙ୍କ ମନମାନି
- ବେଞ୍ଚ, ଡେସ୍କ ପାଇଁ ଆସିଥିବା ଟଙ୍କା ଖର୍ଚ୍ଚ ହେଉନି

**ଡେରାବିଶ, ୨୬।୯(ବେବର୍ତ୍ତା ଅଜୟ ଦାସ)**

ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ କରିବା ପାଇଁ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଜରିଆରେ ବିଭିନ୍ନ ବ୍ଲକରେ ଗୋଟିଏ ଲେଖା ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକରେ ଖୋଲା ଯାଇଥିବା ଅଦର୍ଶ ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ବେଞ୍ଚ ଡେସ୍କ ନ ଥିବାରୁ ତଳେ ବସି ଅଧ୍ୟୟନ କରୁଛନ୍ତି।

୨୦୨୨ ଶିକ୍ଷାବର୍ଷରେ ଡେରାବିଶ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତରେ ଖାଲିପଡ଼ିଥିବା ବଟ ମହାପୁରୁଷ ବାଳିକା ଉଚ୍ଚବିଦ୍ୟାଳୟରେ ଅସ୍ଥାୟୀ ଭାବେ ଏହି ବିଦ୍ୟାଳୟ ଶୁଭାରମ୍ଭ ହୋଇଥିଲା। ୨୦୨୨ ଶିକ୍ଷାବର୍ଷରେ ବିଦ୍ୟାଳୟରେ ଖୋଲା ଯାଇଥିବା ଷଷ୍ଠ ଶ୍ରେଣୀରେ ୮୪ ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ଏହି ଆଦର୍ଶ ବିଦ୍ୟାଳୟ ସମ୍ପୃକ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ବର୍ଷେ ପାଇଁ ପିଲାଙ୍କ ପାଠ ପଢ଼ିବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ ଆଦର୍ଶ ବିଦ୍ୟାଳୟ ପାଇଁ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର-ମନ୍ତ୍ରୀପଡ଼ାଠାରେ ସ୍ଥାୟୀ ଭାବେ ଜମି ଅଧିକୃତ କରାଯାଇ ଗୃହ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୨କୁ ଦାୟିତ୍ୱ ଦିଆଯାଇଥିଲା। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ନୂତନ ଗୃହର ଶିଳାନ୍ୟାସ କରିଥିଲେ। ଏହି ଗୃହ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୭ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ଗୃହ ନିର୍ମାଣ ପାଇଁ ଠିକାଦାର ୨୦୨୧ ସେପ୍ଟେମ୍ବର ୨୦ରେ କାର୍ଯ୍ୟ ଆରମ୍ଭ କରି ୨୦୨୨ ଅଗଷ୍ଟ ୧୯ରେ ଶେଷ କରିବାକୁ ବିଭାଗ ସହ ଠିକାଦାର ଜଣକ ଚୁକ୍ତି କରିଥିଲେ। ମାତ୍ର ଅବଧିର ୧୪ ମାସ ଶେଷ ହୋଇଥିଲେ ସୁଦ୍ଧା ବିଦ୍ୟାଳୟ ଗୃହ ଅଧାପନ୍ତରିଆ ହୋଇପଡ଼ିଛି। ଅପରପକ୍ଷରେ ୨୦୨୩ ଶିକ୍ଷାବର୍ଷରେ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୮୪ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୧ ରହିଛି। ସମୁଦାୟ ୧୬୫ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଣୀ ଗୃହର ଅଭାବ ରହିଛି। ଶିକ୍ଷୟିତ୍ରୀଶିକ୍ଷକମାନେ ଗୋଟିଏ କୋଠରିରେ ବସି ବିଦ୍ୟାଳୟ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ୮ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଅଛନ୍ତି। ୨୦୨୨ ଶିକ୍ଷାବର୍ଷ ଆରମ୍ଭରୁ ଏହି ବିଦ୍ୟାଳୟରେ ଅଧ୍ୟୟନରତ ପିଲାଙ୍କ ବସିବା ପାଇଁ ବେଞ୍ଚ, ଡେସ୍କ ନ ଥିବାରୁ ଗୋଟିଏ କୋଠରିରେ ୧୬୫ ଛାତ୍ରୀଛାତ୍ର ତଳେ ବସି ଅଧ୍ୟୟନ କରୁଛନ୍ତି। ବେଞ୍ଚ, ଡେସ୍କ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଆର୍ଥିକ ଅନୁଦାନ ଆସିଥିଲେ ମଧ୍ୟ ଦିଆଯାଉନାହିଁ। ଆମେ ପିଲାଙ୍କୁ ଆଦର୍ଶ ବିଦ୍ୟାଳୟକୁ କ'ଣ ଛାଡ଼ି ଥିଲୁ ତଳେ ବସି ପଢ଼ିବାକୁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁଙ୍କୁ ପଚାରିବାରେ ପିଲାଙ୍କ ପାଇଁ ବେଞ୍ଚ, ଡେସ୍କ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ପତ୍ର କରାଯାଇଥିଲେ ମଧ୍ୟ ଏଯାଏ ମିଳିନାହିଁ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ପିଲାଙ୍କ ପାଇଁ ତୁରନ୍ତ ବେଞ୍ଚ, ଡେସ୍କ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଜଣାଯାଇଛି। ଏଥିସହ ବିଦ୍ୟାଳୟର ଚେୟାର ପର୍ସନ ଜିଲାପାଳ ମଧ୍ୟ ଶିକ୍ଷାଧିକାରୀଙ୍କୁ ବାରମ୍ବାର ତାଗିଦ୍ କରିଛନ୍ତି। ମାତ୍ର ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି କହି ଶିକ୍ଷାଧିକାରୀ ସମୟ ଗଡ଼ାଇ ଚାଲିଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ସମ୍ପୃକ୍ତ ବିଦ୍ୟାଳୟକୁ ବେଞ୍ଚ, ଡେସ୍କ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସେହିଭଳି ଅସ୍ଥାୟୀ ଭାବେ ଚାଲିଥିବା ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟଟିଏ ନାହିଁ। ଅସରାଏ ବର୍ଷା ହେଲେ ବିଦ୍ୟାଳୟ ପରିସର ପଡ଼ିଆରେ ପାଣି ଜମୁଛି। ଏ ବିଷୟରେ ବିଡିଓ ଜେନା କୁହନ୍ତି, ଅସ୍ଥାୟୀ ଭାବେ ଏକ ବର୍ଷ ପାଇଁ ବିଦ୍ୟାଳୟ ସେଠାରେ କାର୍ଯ୍ୟ କରିବାକୁ ଥିଲା। ବିଦ୍ୟାଳୟର ସ୍ଥାୟୀ ଗୃହର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବାରମ୍ବାର ଚିଠି ଦ୍ୱାରା ଜଣାଇଛନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅସ୍ଥାୟୀ ବିଦ୍ୟାଳୟ ପରିସରରେ ଯୁଦ୍ଧକାଳୀନ ଭିତ୍ତିରେ ଶୌଚାଳୟ ନିର୍ମାଣ କରିବାକୁ ସେ ଚାଟରାଚକଡ଼ା ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ଡେରାବିଶରେ ଏକ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। ମାତ୍ର ପିଲାଙ୍କ ଜୀବନ ସହ ଖେଳାଯିବା ଶିକ୍ଷାବିତ୍ ଓ ଛାତ୍ର ଅଭିଭାବକଙ୍କୁ ବିସ୍ମିତ କରିଛି। ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।


ବିଦ୍ୟାଳୟରେ ଷଷ୍ଠ-ସପ୍ତମ ଛାତ୍ରୀଛାତ୍ର ତଳେ ବସି ପଢୁଛନ୍ତି।

# ବିଷାକ୍ତ ମଦ୍ୟପାନ କରି ଜଣଙ୍କର ମୃତ୍ୟୁ ଅଭିଯୋଗ

**ଗ୍ରାମରେ ଉତ୍ତେଜନା, ମୃତଦେହ ଛାଡ଼ିଲେନି ଗ୍ରାମବାସୀ**


ପଞ୍ଚାୟତରେ ମଦ ବିକ୍ରି ବନ୍ଦ ପାଇଁ ଦାବିପତ୍ର ଦିଆଯାଉଛି।

**ଧର୍ମଶାଳା, ୨୬।୯(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ମଙ୍ଗଳବାର ବିଷାକ୍ତ ମଦ୍ୟପାନ କରି ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ଗ୍ରାମର କାଶୀନାଥ ମହାରଣା (୫୫)। ଗ୍ରାମରେ ବିକ୍ରି ହେଉଥିବା ଦେଶୀମଦ ପିଇବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ପରେ ସେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଗାଁ ନିକଟରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଡ଼ି ମୃତ୍ୟୁବରଣ କରିଥିଲେ। ସେହିଠାରେ ମୃତଦେହ ପଡ଼ିରହିଥିଲା। ଅପରାହ୍ନରେ ଲୋକେ ଦେଖି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଖବର ଦେଇଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହି ସମୟରେ ଶତାଧିକ ଗ୍ରାମବାସୀ ସେଠାରେ ଏକତ୍ରିତ ହୋଇ ପଞ୍ଚାୟତରେ ମଦ ବିକ୍ରି ବନ୍ଦ ଦାବିରେ ହୋହଲ୍ଲା କରିଥିଲେ। ଏଥିସହ ମୃତଦେହକୁ ଅଟକ ରଖିଥିଲେ। ପଞ୍ଚାୟତରେ ବେଆଇନ ମଦ କାରବାର ରୋକିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ଛାଡ଼ିଥିଲେ। ମଦ ବିକ୍ରି ବନ୍ଦ ପାଇଁ ଗ୍ରାମବାସୀ ଅବକାରୀ ବିଭାଗ ଓ ପୋଲିସକୁ ବହୁବାର ଜଣାଇଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ଅନେକ ଗ୍ରାମରେ ଦେଶୀ ମଦ ବିକ୍ରି ହେଉଥିବାବେଳେ ଏହାକୁ ପିଇ ଅନେକଙ୍କ ପରିବାର ନଷ୍ଟ ହେବାରେ ଲାଗିଛି। ତେବେ ଏହାକୁ ବନ୍ଦ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେବା ସହ ଏକ ଦାବିପତ୍ର କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟିଙ୍କ ଜରିଆରେ ଧର୍ମଶାଳା ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଥାନାରେ ନଂ.୨୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବାଉଁଶ ବାଡ଼ିରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ମା'**



**ଦଶରଥପୁର, ୨୬।୯(ମନୋଜ ପୃଷ୍ଟି):**

ଯାଜପୁର ଜିଲା ଦଶରଥପୁର ଥାନା କଷପା ପଞ୍ଚାୟତସ୍ଥିତ କମାଳପୁର ଦେଇ ଯାଇଥିବା କାଣୀ ନଦୀ ବନ୍ଧ କଡ଼ରେ ଥିବା ଏକ ବାଉଁଶ ବାଡ଼ିରୁ ଜଣେ ଯୁବକଙ୍କ ମୃତଦେହକୁ ଦଶରଥପୁର ପୋଲିସ ଜବତ କରିଛି। ମୃତକ ହେଲେ ମଙ୍ଗଳପୁର ଥାନା ଅଧୀନ ମଲ୍ଲିକାପୁର ପଞ୍ଚାୟତ ମହାନ୍ତିପାଟଣା ଗ୍ରାମର ଚିତ୍ତରଞ୍ଜନ ନାୟକଙ୍କ ପୁଅ ସବ୍ୟସାଚୀ ନାୟକ ଓରଫ୍ ଗୁଡୁ(୨୪)। ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ସ୍ନେହଲତା ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସ୍ନେହଲତା ଏତଲାରେ ଦର୍ଶାଇଛନ୍ତି, ଗୁଡୁ ବାଙ୍ଗାଲୋରରେ ରହି କାର୍ଯ୍ୟ କରିଥାନ୍ତି। ସେ ୨୪ ତାରିଖରେ ବାଙ୍ଗାଲୋରରୁ ଘରକୁ ଫେରିଥିବାବେଳେ ୨୫ ତାରିଖ ରବିବାର ସକାଳ ୯ଟାରେ ମା'ଙ୍କ ପାଇଁ ଜଳଖିଆ ଆଣିବେ ବୋଲି କହି ବାଇକ୍ ନେଇ ଘରୁ ବାହାରିଯାଇଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ମୋବାଇଲ୍‌କୁ ସ୍ନେହଲତା ଫୋନ୍ କରିଥିଲେ। ଏହି ସମୟରେ ଗୁଡୁଙ୍କ ନମ୍ବର ସୁଇଚ୍ ଅଫ୍ ଦେଖାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଗୁଡୁ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜିବା ଆରମ୍ଭ କରିଥିଲେ। ଶେଷରେ ସନ୍ଧାନ ନ ପାଇ ନିରାଶ ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ପରିବାରଲୋକେ ଗୁଡୁ କମାଳପୁର ନଦୀବନ୍ଧ କଡ଼ ବାଉଁଶ ବାଡ଼ିରେ ମରିପଡ଼ିଥିବା ଖବର ପାଇ ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ମୁହଁରେ ଓ ହାତରେ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ପାଇଥିଲେ। ଏନେଇ ଦଶରଥପୁର ଥାନାକୁ ଖବର ଦିଆଯିବାରୁ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ନଂ.୧୬୯/୨୩ରେ ଏକ ହତ୍ୟା ମାମଲା ହୋଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବର୍ଷା


@ ଆଜାଉଦ୍ଦିନ


@ ଅନିଲ


@ ଶ୍ରଦ୍ଧାଞ୍ଜଳି


@ ସୁବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

**ଆଳି, ୨୬।୯(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଚନ୍ଦନନଗର ହାଇସ୍କୁଲର ଶିକ୍ଷକ ଗୋପବନ୍ଧୁ ବେହେରାଙ୍କ ମାଡ଼ରେ ଦଶମ ଶ୍ରେଣୀ ଛାତ୍ର ଶୁଭମ ବାରିକ ମଙ୍ଗଳବାର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଶିକ୍ଷକଙ୍କ ବିରୋଧରେ ଶୁଭମଙ୍କ ବଡ଼ବାପା ଗୁରୁଚରଣ ବାରିକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ନଂ. ୭୩୯/୨୩ରେ ମାମଲା ରୁଜୁ କରାଯାଇଛି। ଗୁରୁଚରଣଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁତୁରା ଶୁଭମ ଅପରାହ୍ନ ୩ଟାରେ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ବେହେରା ମଦ୍ୟପାନ କରୁଥିବା ଦେଖି ସେ ଶିକ୍ଷକଙ୍କୁ ପଚାରିବାରୁ ସେ ଶୁଭମ୍‌ଙ୍କୁ ଏକ କାଠ ଫାଳିଆରେ ପିଟି ଥିଲେ। ଜୀବନରୁ ମାରି ଦେବାକୁ ଉଦ୍ୟମ କରି ନିସ୍ତୁକ ମାଡ଼ ମାରିବାରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଏକ ଘର ଭିତରେ ପୂରାଇ ଦେଇଥିଲେ। ଶିକ୍ଷକଙ୍କ ମାଡ଼ରେ ଶୁଭମ ଆହତ ହୋଇଥିବା ଅନ୍ୟ ପିଲାଙ୍କଠାରୁ ପରିବାର ଲୋକ ଖବର ପାଇଥିଲେ। ପରେ ସ୍କୁଲ ଛୁଟି ପରେ ପରିବାର ଲୋକ ପହଞ୍ଚି ଶୁଭମଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଶୁଭମ୍‌ଙ୍କ ବାମ ହାତରେ କ୍ଷତ ସୃଷ୍ଟି ହୋଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଆଇଆଇସି ସବ୍ୟସାଚୀ ଶତପଥୀଙ୍କୁ ପଚାରିବାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ସହ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁଙ୍କୁ ପଚାରିବାରେ ଶିକ୍ଷକଙ୍କ ମାଡ ହେବା କଥାକୁ ସ୍ୱୀକାର କରିଛନ୍ତି। କିନ୍ତୁ ଶିକ୍ଷକଙ୍କ ମଦ ପିଇବା କଥା ମିଛ, ଶୁଭମ ବଦମାସ ହେବାରୁ ଶିକ୍ଷକ ମାଡ଼ ମାରିଛନ୍ତି। ଆମେ ଶୁଭମଙ୍କୁ ବୁଝାଶୁଝା କରି ଘରକୁ ପଠାଇ ଦେଇଥିଲୁ ବୋଲି ସେ କହିଛନ୍ତି।


ଆହତ ଛାତ୍ର ଶୁଭମ ବାରିକ।

# ଚାରିଆଡ଼େ ଅଳିଆ, ସହରବାସୀଙ୍କୁ ଡେଙ୍ଗୁ ଭୟ

**ପଟ୍ଟାମୁଣ୍ଡାଇ, ୨୬।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରପାଳିକାର ସମସ୍ତ ୨୦ଟି ୱାର୍ଡର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ରାଜ୍ୟରେ ଏବେ ମାରାତ୍ମକ ଡେଙ୍ଗୁ ତା'ର କାୟା ବିସ୍ତାର କରିଚାଲିଛି। ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇ ରହିଛି। ଏବେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ଦୈନିକ ୧ରୁ ୨ ଡେଙ୍ଗୁ ରୋଗୀ ଆସୁଛନ୍ତି ବୋଲି ମେଡିକାଲ ଅଫିସର ଡା. ନିରାକାର ପରିଡା କହିଛନ୍ତି। ତେବେ ପୌରପାଳିକା କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ପାଲଟିଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସାମାଜିକ କର୍ମୀ ଅମୂଲ୍ୟ ପ୍ରଧାନ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାକୁ ସୁପରିଚାଳନା ନିମନ୍ତେ ଠିକାଦାରମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସେମାନଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲାଗି ଜଣେ ଅଫିସରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ହେଲେ ଏହାର କିଛି ସୁଫଳ ମିଳୁନାହିଁ। ଡେଙ୍ଗୁ ସାଧାରଣତଃ ଏଡିସ୍ ମଶାଙ୍କ ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ହେଲେ ପ୍ରଥମେ ସହରକୁ ପରିଷ୍କାର ରଖିବା, ସମସ୍ତ ୱାର୍ଡରେ ମଶା ଧୂଆଁ ଦେବା, ନାଳ ନର୍ଦ୍ଦମାରେ ମଶା ତେଲ ପକାଇବା, ସହର ମଧ୍ୟରେ ବ୍ଲିଚିଂ ପାଉଡର ଇତ୍ୟାଦି ବ୍ୟବହାର କରାଯିବା କଥା। କିନ୍ତୁ ପୌରପାଳିକାର ଅବହେଳା ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହାର ବ୍ୟବହାର କରାଯାଉନାହିଁ। ସହର ମଧ୍ୟରେ ଅନେକ ସ୍ଥାନରେ ଅଳିଆ ମାସ ମାସ ଧରି ପଡ଼ି ରହୁଥିଲେ ମଧ୍ୟ କେହି ଉଠାଉ ନାହାନ୍ତି। ଫଳରେ ଏଡିସ୍ ମଶା ବଂଶ ବିସ୍ତାର କରିବା ସଙ୍ଗେ ସଙ୍ଗେ ସହରରେ ଡେଙ୍ଗୁ ହେବା ଆଶଙ୍କା ଦେଖାଦେଇଛି। ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ଠିକାଦାରମାନେ ପୌରପାଳିକାର ବାବୁମାନଙ୍କୁ ମୋଟା ଅଙ୍କର ପିସି ଦେଉଥିବାରୁ କେହି ସେମାନଙ୍କୁ କହୁ ନାହାନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ଜୋର ଧରିଛି। ସହର ମଧ୍ୟରେ ଥିବା କମ୍ପୋଷ୍ଟପିଟ, ପରିସ୍ରାଗାର ଓ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ଇକୋ ଟଏଲେଟ୍ କର୍ଯ୍ୟକ୍ଷମ ନ ହୋଇ ସେହିଭଳି ପଡ଼ି ରହିଛି। ଫଳରେ ସେହିସବୁ ସ୍ଥାନରେ ଲୋକେ ମଳ ମୂତ୍ର ତ୍ୟାଗ କରିବାରୁ ଏହି ସ୍ଥାନ ଏଡିସ୍ ମଶାର ବାସସ୍ଥଳ ପାଲଟି ଯାଇଛି। ଏଭଳି ପରିସ୍ଥିତି ଲାଗି ରହିଲେ ଆଗାମୀଦିନରେ ଡେଙ୍ଗୁ ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସମ୍ଭବ ହେବନାହିଁ। ଶିକ୍ଷାବିତ୍ ଗୋଲେଖ ସାର୍ କହିଛନ୍ତି, ପୂର୍ବରୁ ପୌରପାଳିକା ମଧ୍ୟରେ ଗାଡ଼ି ଅନବରତ ପ୍ରତ୍ୟେକ ୱାର୍ଡ ବୁଲି ମଶା ଧୂଆଁ ଦେବା ସହ ଲୋକମାନଙ୍କୁ ସଚେତନ କରାଇବା ଏବଂ ମଶାରି ବଣ୍ଟନ ଇତ୍ୟାଦି କରାଯାଉଥିଲା। ଏବେ ଉକ୍ତ ଧୂଆଁ ମେଶିନଗୁଡ଼ିକ ଅଚଳ ହୋଇ ପଡ଼ିଥିବାବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀ ତଥା ପୌରାଧ୍ୟକ୍ଷଙ୍କ ଦୃଷ୍ଟି ନ ପଡ଼ିବା ଲଜ୍ଜାଜନକ ବୋଲି ପଟ୍ଟାମୁଣ୍ଡାଇବାସୀ କହିଛନ୍ତି। ପରିମଳ ବ୍ୟବସ୍ଥା ସୁପରିଚାଳନା ତଥା ଅଳିଆ ସଫା କରିବା ଓ ପ୍ରତ୍ୟେକ ଦିନ ପୌରପାଳିକାର ସମସ୍ତ ୱାର୍ଡର ରାସ୍ତାଘାଟ ଝାଡୁ ମାରିବା ପାଇଁ ଠିକାଦାରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପୌରପାଳିକା ଏ ବାବଦରେ ପ୍ରତିମାସ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଠିକାଦାରମାନେ କୌଣସି ୱାର୍ଡରେ ଝାଡୁ ମାରିବା, ଅଳିଆ ଉଠେଇବା, ମଶା ତେଲ ଇତ୍ୟାଦି ପକାଇବା କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳୁଛି। ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରପରିଷଦର ବିଭାଗୀୟ ଅଧିକାରୀମାନେ ସବୁ ଜାଣି ମଧ୍ୟ ନିଘୋଡ଼ ନିଦରେ ଶୋଇ ରହିବା ଅଧିକାରୀମାନଙ୍କର ପାରିବା ପଣିଆ ଜଳ ଜଳ ହୋଇ ଦିଶୁଛି। ଉକ୍ତ ପୌରପାଳିକାରେ ଅନେକଗୁଡ଼ିଏ ପଦବୀ ଖାଲି ପଡ଼ିଥିବା ବେଳେ କେତେଜଣ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହ ପୌରପାଳିକାରେ କାର୍ଯ୍ୟରତ ଅନଭିଜ୍ଞ ଯନ୍ତ୍ରୀମାନେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ଠିକ ଭାବେ ତଦାରଖ କରୁ ନ ଥିବାରୁ ଅନେକ ସମୟରେ ପୌରପାଳିକାକୁ କ୍ଷତି ସହିବାକୁ ପଡୁଛି। ଏଥିପ୍ରତି ପୌର ପରିଷଦ ନଜର ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ପୋର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତନାରାୟଣ ପ୍ରସାଦଗିରିଙ୍କୁ ପଚାରିବାରେ ଆଗରୁ ମଶା ଧୂଆଁ ଦେବା ମେଶିନ ଖରାପ ଥିଲା। ବୁଧବାର ମେଶିନ ରିପାରିଂ ହେବା ପରେ ମଶା ଧୂଆଁ ସବୁବେଳେ ଦିଆଯିବ ବୋଲି ସେ କହିଛନ୍ତି।

**ପଟ୍ଟାମୁଣ୍ଡାଇ ପୌରପାଳିକା**


ପୌରାଞ୍ଚଳର ଏସ୍‌ବିଆଇ ଏଟିଏମ୍ ପାଖରେ ଥିବା ଆବର୍ଜନା।


ଏସ୍‌ଟି ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପାଖରେ ପଡିଥିବା ଆବର୍ଜନା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର , ୨୦୨୩



# ଇ କେୱାଇସି ନ ଥିଲେ ମିଳିବନି ସହାୟତା

ନୟାଗଡ଼,୨୬।୯(ଲୋକନାଥ ମଶ୍ର)

■ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ପାଇଁ ବାଧ୍ୟତାମୂଳକ
■୪୫ ହଜାର ୭୯୫ଚାଷୀ ହୋଇ ନାହାନ୍ତି ସାମିଲ
■ଯୋଜନାରେ ସାମିଲ ପାଇଁ ନାହିଁ ସଚେତନତା




ଇ କେୱାସୀ(ନୋ ଇୟର କଷ୍ଟମର) ନ କରିଲେ ଚାଷୀ ପ୍ରଧାନମନ୍ତ୍ରୀ(ପିଏମ) କିଷାନ ସମ୍ମାନ ନିଧି ଯୋଜନାରେ ଆଉ ସହାୟତା ପାଇବେ ନାହିଁ। ସେପ୍ଟେମ୍ବର ୩୦ ତାରିଖ ରହିଛି ଇ କେୱାସିରେ ନାମ ସାମିଲ କରିବାର ଶେଷ ତାରିଖ । କେବଳ କାଳିଆ ସହାୟତା ପାଇ ପାରିବେ। ତେବେ ଏନେଇ ଚାଷୀମାନେ ଅବଗତ ନ ଥିବାରୁ ଇ କେୱାସିରେ ହିତାଧିକାରୀଙ୍କ ସଂଖ୍ୟା ବଢୁନି। ଜିଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ ପାଇଁ ୧ଲକ୍ଷ ୩ ହଜାର ୩୪୫ ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୫୭ ହଜାର ୫୫୦ ଜଣ କରିଛନ୍ତି ପଞ୍ଜୀକରଣ। ପ୍ରାୟ ୧ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ ଜିଲାର ୪୫ ହଜାର ୭୯୫ ଚାଷୀ ଇ କେୱାସୀରେ ନାଁ ପଞ୍ଜିକରଣ କରିନାହାନ୍ତି। ତେବେ ଇ କେୱାସୀରେ ନାମ ପଞ୍ଜୀକରଣ ପାଇଁ ସଚେତନତା ନ ଥିବାରୁ ଚାଷୀ ଏହାର ଫାଇଦା ନେଇ ପାରୁ ନ ଥିବା ଅଭିଯୋଗ ହୋଇଛି।

ଗତ ବର୍ଷ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି ରଥ ଗାଁ ପରିକ୍ରମା କରୁଥିଲା। ଚାଷୀ ପଞ୍ଜୀକରଣ, କୃଷକ ଓଡ଼ିଶା ଚାଷୀ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଗୋପାଳନ, ସଫଳ ଚାଷୀ ଉପରେ ସଚେତନତା ପାଇଁ ରଥ ବୁଲୁଥିଲା। ହେଲେ ରଥର ସଚେତନତା ଚାଷୀଙ୍କ ପାଖରେ ପହଞ୍ଚି ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ କାଳିଆ ଯୋଜନାରେ ଯେଉଁମାନେ କୃଷି ସହାୟତା ପାଉଛନ୍ତି ସେମାନଙ୍କ ନାଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ରହିଛି। ସେମାନେ କେନ୍ଦ୍ରୀୟ ସହାୟତା ପାଇ ଆସୁଛନ୍ତି। ହେଲେ କେନ୍ଦ୍ର ସରକାର ଇ କେୱାସି ଗାଇଡ୍ ଲାଇନ ଲାଗୁ ପରେ ଚାଷୀଙ୍କ ସମସ୍ୟା ବଢ଼ି ଯାଇଛି। ଚାଷୀ ବ୍ୟାଙ୍କ ଆଧାର ଲିଙ୍କ୍ କରିବା ପାଇଁ ଥିବାବେଳେ ଆଧାର କାର୍ଡ, ରାଶନ କାର୍ଡ ଓ ମୋବାଇଲ ନମ୍ବରକୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସଂଯୋଗ କରିବାକୁ ପଡିବ। ପୁଣି ନାମ ଠିକଣା ଠିକ୍ ରହିବା ଦରକାର ।ଏହାକୁ ଇ କେୱାସିରେ ନାମ ସାମିଲ ହେଲା ବୋଲି କୁହାଯାଏ ।ଏଥିରୁ ଗୋଟିଏ ପଞ୍ଜୀକରଣ ନ ହେଲେ କେନ୍ଦ୍ରୀୟ ସହାୟତା ମିଳିବନି।

ଜିଲାରେ ୧ ଲକ୍ଷ ୩ ହଜାର ୩୪୫ ଚାଷୀ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାରେ ଚିହ୍ନଟ ହୋଇଛନ୍ତି। ଏଥିରେ ନୟାଗଡ଼ ବ୍ଲକର ୧୮ ହଜାର ୧୧୫, ଓଡ଼ଗାଁରେ ୨୩ ହଜାର ୦୯୭, ରଣପୁରରେ ୧୪ ହଜାର ୧୧୩, ଖଣ୍ଡପଡ଼ାରେ ୧୦ ହଜାର ୪୪୬, ଭାପୁରରେ ୧୬ ହଜାର ୦୪୫, ଦଶପଲ୍ଲାରେ ୧୧ ହଜାର ୮୦୪, ନୂଆଗାଁରେ ୫ ହଜାର ୦୮୦ ଓ ଗଣିଆ ବ୍ଲକର ୪ ହଜାର ୬୪୫ ଚାଷୀ ଅଛନ୍ତି। ତେବେ ଏଥିରୁ ନୟାଗଡ଼ ବ୍ଲକର ୭ ହଜାର ୬୭୦, ଓଡ଼ଗାଁ ବ୍ଲକର ୧୨ ହଜାର ୪୮୫, ରଣପୁର ବ୍ଲକର ୯ ହଜାର ୩୩୬, ଖଣ୍ଡପଡା ବ୍ଲକର ୬ ହଜାର ୩୭୯, ଭାପୁର ବ୍ଲକର ୮ ହଜାର ୫୫୨, ଦଶପଲ୍ଲା ବ୍ଲକର ୭ ହଜାର ୯୪୯, ନୂଆଗାଁ ବ୍ଲକର ୨ ହଜାର ୨୯୧ ଓ ଗଣିଆ ବ୍ଲକର ୨ ହଜାର ୭୯୮ ଏପରି ମୋଟରେ ୫୭ ହଜାର ୫୫୦ ଇ କେୱାସିରେ ସାମିଲ ହୋଇଛନ୍ତି। ଅପରପକ୍ଷେ ନୟାଗଡ଼ ବ୍ଲକର ୧୦ ହଜାର ୩୫୫, ଓଡ଼ଗାଁ ବ୍ଲକର ୧୦ ହଜାର ୬୧୨, ରଣପୁର ବ୍ଲକର ୪ ହଜାର ୭୭୭, ଖଣ୍ଡପଡ଼ା ବ୍ଲକର ୪ ହଜାର ୦୬୭, ଭାପୁର ବ୍ଲକର ୭ ହଜାର ୪୯୩, ଦଶପଲ୍ଲା ବ୍ଲକର ୩ ହଜାର ୮୫୫, ନୂଆଗାଁ ବ୍ଲକର ୨ ହଜାର ୭୮୯ ଓ ଗଣିଆ ବ୍ଲକର ୧ ହଜାର ୮୪୭ଜଣ ଙ୍କର ଇ କେୱାସିରେ ନାମ ସାମିଲ କରି ପାରି ନାହାନ୍ତି।

ଏନେଇ ଗଣିଆର ଭ୍ରମର ମଲ୍ଲିକ, ଓଡ଼ଗାଁର ମାନସ ସାହୁ, ଭାପୁରର ଜଗନ୍ନାଥ ସାହୁ ପ୍ରମୁଖ ଚାଷୀ କୁହନ୍ତି, ଇକେୱାସି କଣ ଏହା ଅନେକ ଚାଷୀ ଜାଣନ୍ତି ନାହିଁ। ପ୍ରାୟ ୧ ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ କାହିଁକି ପଞ୍ଜୀକରଣ ହେଉ ନାହିଁ ତା'ର ସମୀକ୍ଷା ହେବା ଦରକାର। ଚାଷୀ ଏହା କ'ଣ ଜାଣିବା ପୂର୍ବରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ନାମ କଟି ଯାଇଥିବ। ଏହା ଦିଗରେ ଅଧିକ ସଚେତନତା ଦରକାର ବୋଲି କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କୁହନ୍ତି, ସେପ୍ଟେମ୍ବର ୩୦ ପୂର୍ବରୁ ଇକେୱାସିରେ ନାମ ସାମିଲ ହେବା ଦରକାର। ନାମ ପଞ୍ଜିକୃତ କରୁ ନ ଥିବା ଚାଷୀଙ୍କ କ୍ଷେତ୍ରରେ ସରକାର ଯାହା ପଦକ୍ଷେପ ନେବେ। ତେବେ ଇ କେୱାସୀରେ ପଞ୍ଜିକୃତ ପାଇଁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସଚେତନତା କରାଯାଉଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବର୍ଷା


@ ଆଜାଦଉଦ୍ଦିନ


@ ଅନିଲ


@ ଶ୍ରଦ୍ଧାଞ୍ଜଳି


@ ସୁବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବକଳେବର ହେବ ପ୍ରାଣୀ ଚିକିତ୍ସାଳୟ

ଭାପୁର,୨୬।୯
(ଭରତ କୁମାର ବେହେରା )

ନୟାଗଡ଼ ଜିଲା ଭାପୁର ବ୍ଲକର ପ୍ରାଣୀ ଚିକିତ୍ସାଳୟ ନବକଳେବର କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାର ପକ୍ଷରୁ ପ୍ରାୟ ୭୭ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଭାପୁର ସଦରମହକୁମାସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ନୂତନ ଭାବେ ମରାମତି ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅନୁଦାନ ଅର୍ଥରେ ଭାପୁର ପ୍ରାଣୀ ଚିକିତ୍ସାଳୟର ନୂତନ କୋଠା, ଅଫିସ ଗୃହ, ଔଷଧ ଜମାଗୃହ, ପାନୀୟ ଜଳ ଯୋଗାଣ,ପୁରୁଷ ଓ ମହିଳା ଶୌଚାଳୟ, ଗୋରୁମାନଙ୍କ ପାଇଁ ଟୀକା ଗୃହ, ପରୀକ୍ଷାଗାର ଗୃହ ନିର୍ମାଣ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ବ୍ଲକ ଅଞ୍ଚଳରେ ଥିବା ଗୋ-ସମ୍ପଦଙ୍କ ଉନ୍ନତମାନର ଚିକିତ୍ସା ସୁବିଧା ସହିତ ବିଭିନ୍ନ ବ୍ୟବସ୍ଥା କରାଯିବ ।ଭାପୁର ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ ପାଇଁ ଭାପୁର ଜନସାଧାରଣ ବାରମ୍ବାର ଦାବି କରି ଆସୁଥିଲେ। ଏନେଇ ସ୍ଥାନୀୟ ବିଧାୟକ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାର ଏହି ଅର୍ଥ ମଞ୍ଜୁର ପରେ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଜନପ୍ରତିନିଧି ସ୍ୱାଗତ କରିବା ସହିତ ଆଗାମୀ ଦିନରେ ପ୍ରାଣୀ ଚିକିତ୍ସାଳୟର ଉନ୍ନତି ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏନେଇ ଭାପୁର ପ୍ରାଣୀ ଚିକିତ୍ସକ ଡ. ବିଭୁ ପ୍ରସାଦ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଓଏସ୍‌ଆଇସି ସଂସ୍ଥା କରୁଥିବା ବେଳେ ୨ ମାସ ହେବ କେବଳ ଅଧାପନ୍ତରିଆ ସିମେଣ୍ଟ ପିଲର ନିର୍ମାଣ ହୋଇ ରହିଛି। ଜିଲାର ଅନ୍ୟ ବ୍ଲକରେ ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ କାର୍ଯ୍ୟ ତିନିଭାଗ ହୋଇଥିବା ବେଳେ ଭାପୁର ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।


ଭାପୁରରେ ଥିବା ପୁରାତନ ପ୍ରାଣୀଧନ ଚିକିତ୍ସାଳୟ।

# ପେନ୍‌ସନ,ସାମ୍ବାଦିକ ସୁରକ୍ଷା ଆଇନ ଦାବି ତେଜିଲା


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଖବରଦାତା।

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର
■୨ ମାସର କଷ୍ଟ ଦେଲେ ଗଣମାଧ୍ୟମ ପ୍ରତିନିଧି

ପେନ୍‌ସନ, ଜିଲା ଓ ବ୍ଲକ୍‌ସ୍ତରରେ କାର୍ଯ୍ୟ କରୁଥିବା ଖବରଦାତାଙ୍କୁ ଚିହ୍ନଟ କରାଯାଇ ଆକ୍ରିଡିଟେଶନ ବ୍ୟବସ୍ଥା କରାଇବା, ସାମ୍ବାଦିକ ସୁରକ୍ଷା ଆଇନ, ପ୍ରେସ୍ ଏକାଡେମୀ ଗଠନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ମା'ବାପାଙ୍କୁ ଅନ୍ତର୍ଭୁକ୍ତ କରାଇବା ଓ ପିଲାମାନଙ୍କର ବୟସ ୨୫ ପରିବର୍ତ୍ତେ ୩୦ କରାଇବା ପରି ଦାବି ରଖି ନୟାଗଡ଼ ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧି ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସରକାର ଗଣମାଧ୍ୟମର ପ୍ରତିନିଧିଙ୍କ ଦାବି ପ୍ରତି ଯଦି ସକାରାତ୍ମକ ପଦକ୍ଷେପ ନ ନିଅନ୍ତି ତେବେ ୨ମାସ ପରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅଭିଯୋଗ ଅନୁସାରେ, ଗଣମାଧ୍ୟମର ପ୍ରତିନିଧିମାନେ ସରକାର ସମସ୍ତଙ୍କ ସୁବିଧା ଅସୁବିଧାକୁ ଉପସ୍ଥାପନ କରନ୍ତି । ହେଲେ ଗଣମାଧ୍ୟମର ପ୍ରତିନିଧିଙ୍କ ଅସୁବିଧାକୁ ସରକାର ଅଣଦେଖା କରି ଆସୁଛନ୍ତି । ଯଦ୍ୱାରା ବହୁ ଗଣମାଧମର ପ୍ରତିନିଧି କାର୍ଯ୍ୟରତ ଥିବାବେଳେ ଓ ଅବସର ପରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ୧୭ଟି ରାଜ୍ୟର ରାଜ୍ୟ ସରକାର ସାମ୍ବାଦିକ ପେନସନ ଲାଗୁ କରି ସାରିଲେଣି। ତେବେ ଓଡ଼ିଶା ସରକାର ଲାଗୁ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସେହିଭଳି ବିଭିନ୍ନ ସମୟରେ ଗଣମାଧମର ପ୍ରତିନିଧିଙ୍କ ଉପରେ ଆକ୍ରମଣ ହେଉଛି । ସେମାନେ ନ୍ୟାୟ ପାଉନାହାନ୍ତି। ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ହେଲେ ଆକ୍ରମଣ ପାଇଁ ଭୟ ସୃଷ୍ଟି ହେବ ବୋଲି କୁହଯାଇଛି । ନୟାଗଡ଼ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର, ଖବରଦାତା ରାମକୃଷ୍ଣ ରଥ, ରବୀନ୍ଦ୍ର ଦାସ, ରଜତ ପଟ୍ଟନାୟକ, ହୁସେନ ଖାଁ, ଜିତେନ୍ଦ୍ର ଛାଟୋଇ, ରସାନନ୍ଦ ସ୍ୱାଇଁ, ମନୋରଞ୍ଜନ ମିଶ୍ର, ଶୁଭେନ୍ଦୁ ଦାସ, ବିଶ୍ୱଜିତ୍ ନାୟକ, ଦେବରାଜ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ନାଟ୍ୟ ଆଲୋଚନାଚକ୍ରରେ କଳାକାରଙ୍କ ସମସ୍ୟା

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ଓଡ଼ିଶା ନାଟ୍ୟ ସଂଘର ୩୬ ତମ ପ୍ରତିଷ୍ଠା ଦିବସ ନୟାଗଡ଼ ପୁରୁଣା ସହର ନିଉ ଜନତା ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ଜିଲା ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ନୟାଗଡ଼ର ପ୍ରମୁଖ ନାଟ୍ୟକର୍ମୀ, ନାଟ୍ୟପ୍ରେମୀ ଓ ବୁଦ୍ଧିଜୀବିମାନେ ଭାଗ ନେଇଥିଲେ। । ବରିଷ୍ଠ ନାଟ୍ୟକାର ଗୋଦାବରୀଶ ମିଶ୍ରଙ୍କ ସଭାପତିତ୍ୱ ଏବଂ ଗୋପୀନାଥ ସେଠୀ, କାମାକ୍ଷା ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ପ୍ରଶାନ୍ତ କୁମାର ସାମନ୍ତରାୟ,ନିରଞ୍ଜନ ନାୟକ,ପ୍ରଦୀପ କୁମାର ସାହୁ , ସୁରେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଓଡ଼ିଶା ନାଟ୍ୟ ସଂଘର ନାଟକ ପ୍ରତି ଅବଦାନ, ନୟାଗଡ଼ର ସମୃଦ୍ଧ ନାଟ୍ୟ ପରମ୍ପରା, ନାଟ୍ୟ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏପରିକି ନାଟକର ସୃଷ୍ଟି ଗାଁରୁ ହୋଇଥିବା ବେଳେ ଏବେବି ଗ୍ରାମାଞ୍ଚଳରେ ଥିବା ଅନେକ ପ୍ରତିଭା ରାଜ୍ୟ ତଥା ଜାତୀୟସ୍ତରରେ ପ୍ରସିଦ୍ଧି ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି। ଏ ସବୁ ପରେ ବି ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ଗ୍ରାମାଞ୍ଚଳର ଅନେକ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଖ୍ୟାତନାମା ଦାସକାଠି ଗାୟକ ବିଶ୍ୱନାଥ ପ୍ରଧାନ ଓ ସାଥୀ ଦାସକାଠି ପରିବେଷଣ କରିଥିଲେ। ନୟାଗଡ଼ର ଦୁଇ ନାଟ୍ୟ ପ୍ରତିଭା ପ୍ରଫୁଲ ଚନ୍ଦ୍ର ମହାନ୍ତି ଏବଂ ଜନାର୍ଦ୍ଦନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ କବି ପ୍ରତାପ ସାହୁ, ଅଭିନେତା ପ୍ରଫୁଲ ନାୟକ, ପ୍ରଭାତ କୁମାର ଦାଶ,ଲକ୍ଷ୍ମୀଧର ମହାପାତ୍ର ଯୋଗ ଦେଇଥିବା ବେଳେ ଗୋକୁଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ସାମିଲ କଳାକାରମାନେ।

# ପ୍ରଥମ କିସ୍ତି ମିଳିଲା, କାମ ଆରମ୍ଭ ପରେ ଅନୁଦାନ ବନ୍ଦ

## ଅଡୁଆରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ

ନୂଆଗାଁ,୨୬।୯(ଧନେଶ୍ୱର ସାହୁ)



ପ୍ରଥମ କିସ୍ତି ଅନୁଦାନ ପାଇ ଗୃହ ନର୍ମାଣ କରିଛନ୍ତି ଝୁମୁରୀ ନାହାକ ଓ ସତ୍ୟବାଦୀ ନାହାକ ।

ଆବାସ ଯୋଜନାର ହିତାଧିକାରୀ ତାଲିକା ପ୍ରସ୍ତୁତ କରି ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଗଲା। ହିତାଧିକାରୀଙ୍କ କାଗଜ ପତ୍ର ଯାଞ୍ଚ ହେଲା। ଅଧିକାରୀମାନେ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରି ଫଟୋ ଉଠାଇଲେ। ଏହା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଥମ କିସ୍ତିର ଅନୁଦାନ ଆସିଲା। ସରକାରଙ୍କଠାରୁ ପ୍ରୋତ୍ସାହନ ରାଶି ପାଇବା ଉଦ୍ଦେଶ୍ୟରେ ହିତାଧିକାରୀମାନେ ନିଜ ରହିବା ଘର ଭାଙ୍ଗି ଶୀଘ୍ର ନୂଆ ଘର କାମ ଆରମ୍ଭ କଲେ। କିନ୍ତୁ ପରବର୍ତ୍ତୀ ସମୟରେ ସରକାରଙ୍କଠାରୁ ଆଉ ଅନୁଦାନ ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଲେ ଅଧିକାରୀ। ଏହାକୁ ନେଇ ଅଡୁଆରେ ପଡିଛନ୍ତି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତ ଚଣ୍ଡିଝରୀ ଗ୍ରାମର ଆବାସ ହିତାଧିକାରୀ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତ ଚଣ୍ଡିଝରୀ ଗ୍ରାମବାସୀଙ୍କ ନାମରେ ରେକର୍ଡ ଥିବା ଜାଗାକୁ ନଦୀ ଖାଇ ଗଲା। ତେଣୁ ସେମାନେ ନଦୀଠାରୁ ଦୂର ଜାଗାରେ ଦୀର୍ଘ ୨୦ ବର୍ଷ ହେଲା ଘର କରି ରହି ଆସୁଥିବା କହିଛନ୍ତି, ବିଳାସିନୀ ନାୟକ, ବିପ୍ର ନାହକ, ଝୁମୁରୀ ନାହକ , ସତ୍ୟବାଦୀ ନାହକଙ୍କ ସମେତ ଅନ୍ୟମାନେ। ସେମାନଙ୍କ ସୁବିଧା ପାଇଁ ସରକାରଙ୍କ ଅନୁଦାନରେ ନଳକୂଅ, କୋଠଘର, ପାଇଖାନା, କଂକ୍ରିଟ ରାସ୍ତା ଆଦି ଉକ୍ତ ଜାଗାରେ ନିର୍ମାଣ କରାଯାଇଛି। ସେହି ଗ୍ରାମର ୧୧ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ଅନୁଦାନ ପ୍ରଦାନ କରାଯାଇଛି । ତେଣୁ ହିତାଧିକାରୀମାନେ ଦୀର୍ଘବର୍ଷ ହେଲା ରହୁଥିବା ଘର ଭାଙ୍ଗି ଆବାସ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ଜିଆରଏସ୍ ଓ ପିଇଓ ଗୃହ ନିର୍ମାଣ କାର୍ଯ୍ୟ ଦେଖିବାକୁ ଯିବାରେ ହିତାଧିକାରୀମାନେ ଯାଞ୍ଚ ସମୟରେ ଦେଇଥିବା ପଟା ଅନୁସାରେ ନିଜ ଜାଗାରେ ଗୃହ ନିର୍ମାଣ ନ କରି ସରକାରୀ ଜାଗାରେ ଗୃହ ନିର୍ମାଣ କରୁଥିବା ଜାଣିବାକୁ ପାଇଥିଲେ। ତେଣୁ ସରକାରୀ ଜାଗାରେ ଗୃହ ନିର୍ମାଣ କଲେ ଅନୁଦାନ ଦିଆଯିବ ନାହିଁ ବରଂ ଦିଆଯାଇଥିବା ପ୍ରଥମ କିସ୍ତି ଅନୁଦାନ ଅସୁଲ କରାଯିବ ବୋଲି କହିଥିଲେ। ହିତାଧିକାରୀମାନଙ୍କ କହିବା କଥା ଅଧିକାରୀମାନେ ଘର ତଦନ୍ତ କରି ଆସିବା ସମୟରେ ଏହି ସ୍ଥାନରେ ଘର କରିବୁ ବୋଲି ଆମେ କହିଥିଲୁ ଏବଂ ସେମାନେ ରାଜି ହେବାରୁ ଆମେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛୁ। ଅନ୍ୟପକ୍ଷେ ଆମ ଜାଗା ନଦୀ ଖାଇ ଯିବାରୁ ଆମେ ସରକାରୀ ଜାଗାରେ ରହିଛୁ ଓ ସରକାରଙ୍କ ଅନୁଦାନରେ ଏଠାରେ ଆମ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ତେଣୁ ଆମ ଜାଗା ସରକାର ନେଇ ଆମକୁ ଏହି ଜାଗାରେ ଘର କରିବାର ଅନୁମତି ଦିଅନ୍ତୁ ବୋଲି ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କୁ କହିଛନ୍ତି। ଏପରି ସମସ୍ୟା ବାବଦରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ଆମେ ସେମାନଙ୍କ ରେକର୍ଡ ଥିବା ଜାଗାକୁ ମାପ କରି ଚିହ୍ନଟ କରିବୁ । ଯଦି ପ୍ରକୃତରେ ନଦୀ ଖାଇ ଯାଇଥିବ ତେବେ ସେମାନେ ଆବେଦନ କରିବା ପରେ ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି ।

